# ସୂଚନା ପୁସ୍ତିକା

ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ., ଓଡ଼ିଶା,
ଭୁବନେଶ୍ୱର-୧୪


ORISSA SCH. CASTE & SCH. TRIBE DEVELOPMENT
FINANCE CO-OPERATIVE CORPORATION LIMITED
LEWIS ROAD, BHUBANESWAR-751014

# ସୂଚୀପତ୍ର


| | | |
|---|---|---|
| ୦୧ | ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମର କର୍ଯ୍ୟାବଳୀ | ୦୧ |
| ୦୨ | ନିଗମ କିପରି ଭାବରେ ଉପରୋକ୍ତ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିଥାଏ ? | ୦୧ |
| ୦୩ | ନିଗମ କେଉଁ କେଉଁ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଥାଏ ? | ୦୨ |
| ୦୪ | ଆୟ ପ୍ରଦାନକାରୀ ସଞ୍ଜୋଜିତ ଋଣ ଯୋଜନା | ୦୩ |
| ୦୫ | ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଯୋଜନା | ୦୪ |
| ୦୬ | ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା | ୦୫ |
| ୦୭ | ହସ୍ତବୃତ୍ତି ସଫେଇ କର୍ମଚାରୀମାନଙ୍କ ଉନ୍ନତି ଯୋଜନା | ୦୬ |
| ୦୮ | "ଉଚ୍ଚମୂଲ୍ୟଯୁକ୍ତ" ପ୍ରକଳ୍ପ ଋଣ ଯୋଜନାଦ | ୦୬ |
| ୦୯ | ସୂଚନା ପ୍ରଦାନକାରୀ ପରିଶିଷ୍ଟ ଗୁଡିକ | ୦୭ |







Transparency | Technology | Teamwork | Time | Transformation

## ୧ -ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମର କର୍ଯ୍ୟାବଳୀ :

ଓଡିଶା ସମବାୟ ସମିତି ଆଇନ, ୧୯୬୨ ଦ୍ୱାରା ପଞ୍ଜିକୃତ ଏବଂ ୧୯୭୯-୮୦ ମସିହାରେ ସ୍ଥାପିତ ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂପ୍ରଦାୟର ଅର୍ଥନୈତିକ ଉନ୍ନତି ନିମନ୍ତେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଅଛି ।

ନିଗମର ପ୍ରତିଷ୍ଠା ସମୟରେ କେବଳ ଦରିଦ୍ର ତଫସିଲଯ ଭୁକ୍ତ ଜାତିର ଲୋକମାନଙ୍କୁ ବିଭିନ୍ନ ଆୟକାରୀ ଯୋଜନାରେ ହାତପାଣ୍ଠି ପାଇଁ ଋଣ ସହାୟତାରେ ବ୍ୟାଙ୍କ୍ ମାନଙ୍କରୁ ଋଣଦେବା ନିମନ୍ତେ ପରକଳ୍ପନା କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ତଫସିଲ ଭୁକ୍ତ ଜନଜାତି ସଂପ୍ରଦାୟର ଲୋକଙ୍କୁ ଏହି ସହାୟତା ଦିଆଗଲା ।

୧୯୮୬-୮୭ ମସିହା ଠାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ଅଞ୍ଚଳ, ଅଣୁଯୋଜନା ଓ ମାଡାଯୋଜନା ଅଞ୍ଚଳ ବାହାରେ ବିକ୍ଷିପ୍ତ ଭାବରେ ବସବାସ କରୁଥିବା ତଫସିଲ ଭୁକ୍ତ ଜନଜାତି ସଂପ୍ରଦାୟର ଲୋକଙ୍କୁ ଆର୍ଥିକ ସହାୟତା ଦିଆଗଲା ।

୧୯୯୨-୯୩ ମସିହା ଠାରୁ ହସ୍ତବୃତ୍ତି ସଫେଇ କର୍ମଚାରୀ ଓ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କ ବିକଳ୍ପ ଅର୍ଥନୈତିକ ଥଇଥାନ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ୧୯୯୮-୧୯୯୯ ମସିହା ଠାରୁ ୨୦୦୬-୦୭ ମସିହା ପର୍ଯ୍ୟନ୍ତ ସଂଖ୍ୟାଲଘୁ ସଂପ୍ରଦାୟର ଦରିଦ୍ର ଲୋକଙ୍କୁ ବିଭିନ୍ନ ଆୟକାରୀ ପ୍ରକଳ୍ପ ପାଇଁ ଅର୍ଥ ସହାୟତା ଯୋଗାଇ ଦିଆଯାଉଥିଲା । ଜାତୀୟ ତଫସିଲଭୁକ୍ତ ଜାତି ଓ ଜନଜାତି ଅର୍ଥ ଉନ୍ନୟନ ନିଗମଙ୍କର ମିଆଦ ଋଣ ସହାୟତାରେ ବିଭିନ୍ନ ଉଚ୍ଚ ମୂଲ୍ୟ ବିଶିଷ୍ଟ ପ୍ରକଳ୍ପ ଯଥା ଟ୍ରକ୍, ମିନିଟ୍ରକ, ଡିଜେଲ୍ ଟ୍ୟାକ୍ସି, ଅଟୋରିକ୍ସା, ଗୋପାଳନ, କୁକୁଡାଚାଷ, ଜେରକ୍ସ ୟୁନିଟ୍, ଧାନକଳ ଇତ୍ୟାଦି ବହୁବିଧ ଯୋଜନାରେ ଆର୍ଥିକ ସହାୟତା ଦିଆଯାଉଛି ।

ଏତଦ୍ ବ୍ୟତୀତ ସ୍ୱତନ୍ତ୍ର କେନ୍ଦ୍ରିୟ ସାହାଯ୍ୟ ବାବଦ ଅର୍ଥ ବିନିଯୋଗ କରି ଏହି ନିଗମ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକମାନଙ୍କୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା ପ୍ରଦାନ କରୁଅଛି ।

**ଉପୋରକ୍ତ ପରିପ୍ରେକ୍ଷୀରେ ନିଗମ କାର୍ଯ୍ୟକାରୀ କରୁଥିବା କାର୍ଯ୍ୟକ୍ରମ ଗୁଡିକର ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦତ୍ତ ହେଲା –**

(କ) ଅନୁସୂଚିତ ଜାତି ଲୋକଙ୍କପାଇଁ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମ ।

(ଖ) ବିକ୍ଷିପ୍ତ ଅନୁସୂଚିତ ଜନଜାତି ଲୋକଙ୍କ ପାଇଁ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମ ।

(ଗ) ହସ୍ତବୃତ୍ତି ସଫେଇ କର୍ମଚାରୀ ଓ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କ ବିକଳ୍ପ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ।

(ଘ) ଜାତୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅର୍ଥ ଉନ୍ନୟନ ନିଗମ ମାନଙ୍କର ଋଣ ସହାୟତାରେ ବିଭିନ୍ନ ଉଚ୍ଚ ମୂଲ୍ୟ ବିଶିଷ୍ଟ କାର୍ଯ୍ୟକ୍ରମ ।

## ୨ - ନିଗମ କିପରି ଭାବରେ ଉପରୋକ୍ତ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିଥାଏ ?

ନିଗମର ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରରେ ଅବସ୍ଥିତ । ଜିଲ୍ଲା ଗୁଡିକରେ ଜିଲ୍ଲା ମଙ୍ଗଳ ଅଧିକାରୀ ମାନଙ୍କୁ ଅତିରିକ୍ତ ଦାୟୀତ୍ୱ ଦିଆଯାଇ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରାଯାଉଛି । ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ଯୋଜନାରେ ବିଭିନ୍ନ

ଆୟକାରୀ ପ୍ରକଳ୍ପ ଗୁଡିକ ସହଯୋଗୀ ବ୍ୟାଙ୍କ ମାନଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଅଛି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ପ୍ରକଳ୍ପ ଯଥା ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ, କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ, ଇତ୍ୟାଦି କାର୍ଯ୍ୟକାରୀ ହେଉଅଛି ।

ନିଗମର ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସହାୟତା କରୁଥିବା ବିଭିନ୍ନ ସହଯୋଗୀ ବ୍ୟାଙ୍କ, ସରକାରଙ୍କ ବିଭିନ୍ନ ବିଭାଗ ଓ ଉଦ୍ୟୋଗ ତଥା ନିଗମର ମୁଖ୍ୟ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟ ଗୁଡିକର ଏକ ତାଲିକା ପରିଶିଷ୍ଟ 'କ- ୧' 'କ-୩' ରେ ପ୍ରଦତ୍ତ କରାଯାଇଛି ।

## ୩- ନିଗମ କେଉଁ କେଉଁ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଥାଏ ?

ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ଯୋଜନାରେ ନିଗମ ଅନୁସୂଚୁତ ଜାତି ଓ ଜନଜାତିଙ୍କ ପାଇଁ ନିମ୍ନ ଲିଖିତ ଯୋଜନା ଗୁଡିକ କାର୍ଯ୍ୟକାରୀ କରୁଅଛି ।

### ୩-(କ) ବ୍ୟାଙ୍କ ଜରିଆରେ ରିହାତି ଯୁକ୍ତ ଋଣ ଯୋଗାଣ

- ଏହି ଯୋଜନାରେ ବିଭିନ୍ନ ଆୟକାରୀ ପ୍ରକଳ୍ପ ନିମନ୍ତେ ଅନୁସୂଚିତ ଜାତି ଓ ଜନଜାତିର ସ୍ୱୟଂ ସହାୟକ ଗୋଷ୍ଠି ଓ ବ୍ୟକ୍ତି ବିଶେଷଙ୍କୁ କୃଷି ଉନ୍ନୟନ, ପଶୁପାଳନ, ମତ୍ସ୍ୟଚାଷ, କ୍ଷୁଦ୍ର ଜଳସେଚନ, କ୍ଷୁଦ୍ର ଓ କୁଟୀର ଶିଳ୍ପ ଇତ୍ୟାଦି ପାଇଁ ରିହାତିଯୁକ୍ତ ଋଣ ଯୋଗାଇ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରାଯାଇ ପାରୁଛି ।
- ଏହି ଯୋଜନାରେ ନିଗମ ପ୍ରତ୍ୟେକ ହିତାଧିକାରୀଙ୍କୁ ସର୍ବୋଚ୍ଚ ୧୦,୦୦୦/- ଟଙ୍କା ଏବଂ ଗୋଷ୍ଠିକୁ ସର୍ବୋଚ୍ଚ ୧ ଲକ୍ଷ ୨୫ ହଜାର ଟଙ୍କା ଅନୁଦାନ ଆକାରରେ ଯୋଗାଇ ଦେଇଥାଏ ଏବଂ ପ୍ରକଳ୍ପ ମୂଲ୍ୟର ଅବଶିଷ୍ଟ ଟଙ୍କା ବ୍ୟାଙ୍କମାନେ ଋଣ ଆକାରରେ ଯୋଗାଇ ଦେଇଥାନ୍ତି ।
- ଏହି ଯୋଜନାରେ ଉପକୃତ ହୋଇ କାର୍ଯ୍ୟ ଜାରିରଖିଥିବା ଗୋଷ୍ଠି ମାନଙ୍କୁ ପରବର୍ତୀ ପର୍ଯ୍ୟାୟରେ ସିଧାସଳଖ ଅନୁଦାନ ମଧ ଯୋଗାଇ ଦିଆଯାଉଛି ।

### ୩-(ଖ) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ (Skill Development Training Programme)

- ବିଭିନ୍ନ ସରକାରୀ ଓ ବେସରକାରୀ ତାଲିମ୍ କେନ୍ଦ୍ର ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିର ଯୁବକ ଯୁବତୀମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଓ ନିଯୁକ୍ତି ଭିତିକ ତାଲିମ ଯୋଗାଇ ଦିଆଯାଉଛି ।
- ଏଥି ପାଇଁ ପ୍ରାର୍ଥିଙ୍କୁ କୌଣସି ଦେୟ ଦେବାକୁ ପଡ଼େ ନାହିଁ । ପ୍ରାର୍ଥିମାନଙ୍କୁ ସରକାରଙ୍କ ତରଫରୁ ମାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା ଯୋଗାଇ ଦିଆଯାଉଛି ।
- ଏଥିପାଇଁ ପ୍ରତ୍ୟେକ ପ୍ରାର୍ଥିଙ୍କ ପାଇଁ ଘଣ୍ଟା ପ୍ରତି ସର୍ବୋଚ୍ଚ ୪୨ ଟଙ୍କା ୪୦ ପଇସା ତାଲିମ ଖର୍ଚ୍ଚ ୬୦୦୦ ଟଙ୍କା ଖାଇବା ଓ ରହିବା ଖର୍ଚ୍ଚ ଏବଂ ୧୫୦୦ ଟଙ୍କା ପୋଷାକ, ପାଠ୍ୟପୁସ୍ତକ ଓ ପାଠ୍ୟ ଉପକରଣ ପାଇଁ ଯୋଗାଇ ଦିଆଯାଉଛି ।
- ଏହି ଯୋଜନାରେ ସିଲେଇ ଶିକ୍ଷା, ସିକ୍ୟୁରିଟି ଗାର୍ଡ଼ ସ୍ୱାସ୍ଥ୍ୟ ସହାୟକ, ହସ୍ପିଟାଲିଟି ଆସିଷ୍ଟାଣ୍ଟ ବିକ୍ରୟ ସହାୟକ, ମୋଟର ଚାଳକ, ଫିଟର, ୱେଲଡ଼ର, ଇଲେକ୍ଟ୍ରିସିଆନ, ପ୍ଲାଷ୍ଟିକ୍ ପ୍ରୋସେସି, ପ୍ଲମ୍ବର ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଅଛି ।

### ୩-(ଗ) ଅନୁସୂଚିତ ଜାତିଙ୍କ ପାଇଁ ସାମୁହିକ ଉନ୍ନୟନ ଯୋଜନା

ଏହି ଯୋଜନା ମାଧ୍ୟମରେ ପୁଞ୍ଜିଭୁତ ଭାବରେ ବସବାସ କରୁଥିବା ଅନୁସୂଚିତ ଜାତିର ଗ୍ରାମ/ପଡା ଗୁଡିକର ସାମଗ୍ରିକ ବିକାଶ ନିମନ୍ତେ ଓ ସେହି ଗ୍ରାମ/ପଡା ଗୁଡିକରେ ବସବାସ କରୁଥିବା ଅନୁସୂଚିତ ଜାତିର ବ୍ୟକ୍ତି ବିଶେଷଙ୍କ ଆର୍ଥିକ ଉନ୍ନତି ଓ ସାମାଜିକ ଉନ୍ନତି ତଥା ଜୀବିକା ନିର୍ବାହ ନିମନ୍ତେ ବିଭିନ୍ନ ଅର୍ଥ ଉପାର୍ଜନକାରୀ ଯୋଜନା କାର୍ଯ୍ୟକାରୀ କରୁଅଛି ।

### ୩-(ଘ) ସଫେଇ କର୍ମଚାରୀଙ୍କ ଉନ୍ନତି ନିମନ୍ତେ ଯୋଜନା (NSKFDC)

- ଏହି ଯୋଜନାରେ ସଫେଇ କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ବର୍ଗଙ୍କୁ ଥଇଥାନ ନିମନ୍ତେ ସ୍ୱଳ୍ପସୁଧ ମୂଲ୍ୟରେ ଋଣ ଯୋଗାଇ ଦିଆଯାଉଛି ।
- ଏହି ବର୍ଗର ଯୁବକ ଯୁବତୀମାନଙ୍କୁ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ତାଲିମ ଯୋଗାଇ ଦିଆଯାଉଛି ।

## ୪-ଯାଜନା- "ଆୟ ପ୍ରଦାନକାରୀ ବ୍ୟାଙ୍କ ସଂଯୋଜିତ ଋଣ"

୧. ପ୍ରଶ୍ନ : ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ତରଫରୁ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରିବାର କିଛି ଯୋଜନା ଅଛି କି ?

ଉତ୍ତର : ହଁ, ବ୍ୟାଙ୍କ ଜରିଆରେ ବିଭିନ୍ନ ଆୟକାରୀ ପ୍ରକଳ୍ପରେ ହିତାଧିକାରୀ ମାନଙ୍କୁ ରିହାତି ଯୁକ୍ତଋଣ ପ୍ରଦାନର ବ୍ୟବସ୍ଥା ଅଛି । ଏହା ଭାରତ ସରକାରଙ୍କର ଏକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅଟେ । ଏହି ଯୋଜନାରେ ବ୍ୟାଙ୍କ ଜରିଆରେ ବି.ପି.ଏଲ୍. ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ହିତାଧିକାରୀ ମାନଙ୍କୁ ଛୋଟ ଗ୍ରୁପରେ କିମ୍ବା ବ୍ୟକ୍ତିଗତ ଭାବେ ଋଣ ପ୍ରଦାନ କରାଯାଇଥାଏ ।

୨. ପ୍ରଶ୍ନ : ଏହି ଯୋଜନାର ଲକ୍ଷ୍ୟ କଣ ?

ଉତ୍ତର : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକ ମାନଙ୍କର ସାମାଜିକ ଏବଂ ଆର୍ଥିକ ଅବସ୍ଥାର ବିକାଶ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ସେମାନଙ୍କ ପାରମ୍ପାରିକ କୌଶଳକୁ ଭିତିକରି ସେମାନଙ୍କୁ ଉପାର୍ଜନକ୍ଷମ କରାଇବା ।

୩. ପ୍ରଶ୍ନ : ଏହି ଯୋଜନାକୁ ଜିଲ୍ଲା ସ୍ତରରେ କିପରି କାର୍ଯ୍ୟକାରୀ କରାଯାଏ ?

ଉତ୍ତର: ଏହି ଯୋଜନାକୁ ଜିଲ୍ଲା ସ୍ତରରେ, ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ପରିଚାଳକ, ଏବଂ ବ୍ଲକ ସ୍ତରରେ, ବ୍ଲକ ଉନ୍ନୟନ ଅଧିକାରୀ / U.L.B ନିର୍ବାହୀ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ମାନଙ୍କ ସହଯୋଗରେ କାର୍ଯ୍ୟକାରୀ କରିଥାଆନ୍ତି ।

୪. ପ୍ରଶ୍ନ : ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ହିତାଧିକାରୀଙ୍କର ଯୋଗ୍ୟତା କଣ ହେବା ଦରକାର ?

ଉତ୍ତର : i- ହିତାଧିକାରୀ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ସଂପ୍ରଦାୟର ହୋଇଥିବେ ।

ii- ହିତାଧିକାରୀ ବି.ପି.ଏଲ୍. ପରିବାର ଅନ୍ତର୍ଭୁକ୍ତ ହୋଇଥିବେ ।

iii- ଅନ୍ୟ କୌଣସି ସରକାରୀ ଯୋଜନାରେ ରିହାତି ଋଣ ପାଇନଥିବେ ।

iv-ଗ୍ରୁପ ଗୁଡିକ କାର୍ଯ୍ୟକ୍ଷମ ହେବାର ସର୍ବୋନିମ୍ନ ଛଅ ମାସ ହୋଇଥିବା ଆବଶ୍ୟକ ।

୫. ପ୍ରଶ୍ନ : ଏହି ଯୋଜନାରେ ହିତାଧିକାରୀଙ୍କୁ କେତେ ପରିମାଣ ରିହାତି ମିଳିଥାଏ ?

ଉତ୍ତର : ଏହି ଯୋଜନାରେ ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ, ସମବାୟ ନିଗମ, ପ୍ରକଳ୍ପ ମୂଲ୍ୟର ଶତକଡା ୫୦ ଭାଗ କିମ୍ବା ଗୃପକୁ ଟ. ୧.୨୫ ଲକ୍ଷ (ଯାହା କମ ) ରିହାତି ଆକାରରେ ଦେଇଥାଏ । ଏହି ଯୋଜନାରେ ପ୍ରତି ବ୍ୟକ୍ତିଗତ ହୀତାଧିକାରୀ ମାନଙ୍କୁ ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ପକ୍ଷରୁ ଟ. ୧୦,୦୦୦ ଲେଖାଏଁ ରିହାତି ଦିଆଯାଏ।

୬. ପ୍ରଶ୍ନ : କେଉଁ କେଉଁ କ୍ଷେତ୍ରରେ ଏହି ଋଣ ପ୍ରଦାନ କରାଯାଏ ?

ଉତ୍ତର: ଏହି ଯୋଜନାରେ ହିତାଧିକାରୀ ମାନଙ୍କୁ କୃଷି, ଉଦ୍ୟାନ ଭିତିକ କୃଷି, ପଶୁ ପାଳନ, ମାଛ ଚାଷ, ବିଭିନ୍ନ ବ୍ୟବସାୟୀକ ପ୍ରତିଷ୍ଠାନ ଇତ୍ୟାଦି ପାଇଁ ରିହାତି ଯୁକ୍ତ ଋଣ ପ୍ରଦାନ କରାଯାଏ।

## ୫- ଯୋଜନା : "ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ"

୧. ପ୍ରଶ୍ନ: ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ତରଫରୁ କୌଣସି ବୃତି ପାଇଁ ତାଲିମ୍ ଦିଆଯାଏ କି ?

ଉତ୍ତର : ହଁ, ଏହି ନିଗମ ଯୁବକ ଓ ଯୁବତୀ ମାନଙ୍କ ଦକ୍ଷତା ବିକାଶ ପାଇଁ ବିଭିନ୍ନ ବୃତ୍ତିଗତ ତାଲିମ ଦେଇଥାଏ।

୨. ପ୍ରଶ୍ନ : ନିଯୁକ୍ତ ଭିତିକ ଦକ୍ଷତା ବୃଦ୍ଧି ତାଲିମ୍ ପାଇଁ ଆବଶ୍ୟକୀୟ ଯୋଗ୍ୟତା କଣ ?

ଉତ୍ତର : ନିମ୍ନ ଲିଖିତ ଯୋଗ୍ୟତା ଓ ପ୍ରମାଣ ପତ୍ର ଆବଶ୍ୟକ।

- ପ୍ରାର୍ଥୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇ ଥିବେ ଓ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
- ପ୍ରାର୍ଥୀଙ୍କର ବୟସ ୧୮ ବର୍ଷରୁ କମ ଏବଂ ୩୫ ବର୍ଷରୁ ଅଧିକ ହୋଇ ନଥିବ।
- ପ୍ରାର୍ଥୀ ବି.ପି.ଏଲ୍ ବର୍ଗର ହୋଇଥିବା ଆବଶ୍ୟକ, ଅର୍ଥାତ୍ ସେମାନଙ୍କର ବାର୍ଷିକ ପାରିବାରିକ ଆୟ ଗ୍ରାମାଂଚଳ ପାଇଁ ସର୍ବୋଚ୍ଚ ଟ. ୪୦,୦୦୦ ଟଙ୍କା ଏବଂ ସହରାଚଂଳ ପାଇଁ ସର୍ବୋଚ୍ଚ ଟ.୬୦,୦୦୦ ଟଙ୍କା ମଧ୍ୟରେ ହୋଇଥିବା ଆବଶ୍ୟକ।
- ପ୍ରାର୍ଥୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ଓ ତଦୁର୍ଦ୍ଧ ହୋଇ ଥିବା ଆବଶ୍ୟକ।

୩. ପ୍ରଶ୍ନ : ଏହି ପାଠ୍ୟକ୍ରମରେ ତାଲିମ୍ ପାଇଁ କେତେ ପରିମାଣର ଆର୍ଥିକ ଖର୍ଚ୍ଚ ବହନ କରିବାକୁ ପଡିଥାଏ ?

ଉତ୍ତର : ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ ତାଲିମ୍ ଅଟେ। ପ୍ରାର୍ଥୀ ମାନଙ୍କ ରହିବା, ପାଠ୍ୟ ପୁସ୍ତକ, ତାଲିମ ସାମଗ୍ରୀ ଓ ଖାଦ୍ୟ ପାଇଁ କୌଣସି ଅର୍ଥ ଦେବାକୁ ପଡିବ ନାହିଁ। ଯେଉଁ ଜିଲ୍ଲାର ପ୍ରାର୍ଥୀ ସେହି ଜିଲ୍ଲାରେ ତାଲିମ ନେବାର ବ୍ୟବସ୍ଥା ହୋଇ ନପାରିଲେ, ନିକଟତମ ଜିଲ୍ଲାରେ ତାଲିମ ଦିଆଯିବାର ବ୍ୟବସ୍ଥା କରାଯିବ।

୪. ପ୍ରଶ୍ନ : ପ୍ରାର୍ଥୀ ଏହି ତାଲିମ୍ ପାଇଁ କିପରି ଆବେଦନ କରିବେ ?

ଉତ୍ତର : ଇଚ୍ଛୁକ ପ୍ରାର୍ଥୀ ସାଦା କାଗଜରେ ଆବଶ୍ୟକୀୟ ଓ ଉପଯୁକ୍ତ ପ୍ରମାଣ ପତ୍ରର ନକଲ ସହ ନିଜ ଜିଲ୍ଲାର "ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ପରିଚାଳକ", ଓ.ଏସ୍.ଏଫ୍.ଡି.ସି ଏବଂ ସମ୍ପୃକ୍ତ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ITDA)ଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ।

- ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ବିଦ୍ୟାଳୟ / ମହା ବିଦ୍ୟାଳୟର ପ୍ରମାଣପତ୍ର ।
- ତହସିଲ୍‌ଦାରଙ୍କ ଦ୍ୱାରା ପ୍ରଦତ ଜାତିଗତ ପ୍ରମାଣ ପତ୍ର ,
- ବି.ପି.ଏଲ୍. କାର୍ଡ / ଅର୍ନ୍ତୋଦୟ କିମ୍ବା ତହସିଲ୍‌ଦାରଙ୍କ ଦ୍ୱାରା ପ୍ରଦତ ବାର୍ଷିକ ପାରିବାରିକ ଆୟର ପ୍ରମାଣ ପତ୍ର (ଗ୍ରାମାଞ୍ଚଳ ପାଇଁ ବାର୍ଷିକ ଆୟ ଟ. ୪୦,୦୦୦ ଟଙ୍କା ଏବଂ ସହରାଞ୍ଚଳ ପାଇଁ ୬୦,୦୦୦ ଟଙ୍କା)
- ଆଧାର କାର୍ଡ/ ଭୋଟ୍ ପରିଚୟ ପତ୍ର ।
- ପାସ୍ ପୋର୍ଟ ସାଇଜ ଫଟୋ (୩ ଗୋଟି)

୫. ପ୍ରଶ୍ନ : ଏହି ଯୋଜନାରେ ହିତାଧିକାରୀ ମାନଙ୍କୁ କେଉଁ କେଉଁ କ୍ଷେତ୍ର/ବୃତ୍ତି ପାଇଁ ତାଲିମ ପ୍ରଦାନ କରାଯାଉ ଅଛି ?

ଉତ୍ତର : ପାଠ୍ୟକ୍ରମ / ବୃତ୍ତି ଗତ ତାଲିମର ତାଲିକା **ପରିଶିଷ୍ଟ-ଖ** ରେ ଦିଆଯାଇଅଛି ।

## ୬- ଯୋଜନା : "ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା"

୧. ପ୍ରଶ୍ନ : ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା କଣ ?

ଉତ୍ତର: ଏହା ଭାରତ ସରକାରଙ୍କର ଏକ ପ୍ରଯୋଜିତ ଯୋଜନା ।୨୦୦୧ ଜନଗଣନା ଅନୁସାରେ, ଯେଉଁ ଗ୍ରାମରେ ଶତକଡ଼ା ୫୦ ଭାଗରୁ ଅଧିକ ଅନୁସୁଚିତ ଜାତିର ଲୋକ ବସବାସ କରନ୍ତି ଏବଂ ସେହି ଗ୍ରାମର ଅନୁସୁଚିତ ଜାତିର ଲୋକସଂଖ୍ୟା ୫୦୦ରୁ ଉର୍ଦ୍ଧ ହୋଇଥିଲେ, ସେହି ନିର୍ଦ୍ଦିଷ୍ଟ ଗ୍ରାମକୁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଏ । ସେହି ନିର୍ଦ୍ଦିଷ୍ଟ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଭାରତ ସରକାରଙ୍କ ତରଫରୁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅର୍ଥ ପ୍ରଦାନ କରାଯାଉଛି ।

୨. ପ୍ରଶ୍ନ : ଏହି ଯୋଜନାରେ କେଉଁ କେଉଁ କାର୍ଯ୍ୟ କରାଯାଏ ।

ଉତ୍ତର : ଏହି ଯୋଜନାରେ ଅନୁସୁଚିତ ଜାତିର ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗ୍ରାମ୍ୟ ଉନ୍ନୟନ କମିଟିର ଅନୁମୋଦନ କ୍ରମେ ବିଭିନ୍ନ ଜନହିତକାରୀ କାର୍ଯ୍ୟ ଯଥା: ପିଇବା ପାଣି, ରାସ୍ତା, ଡ୍ରେନ, ସ୍କୁଲ/ ଅଙ୍ଗନବାଡ଼ୀ କେନ୍ଦ୍ର, କ୍ଷୁଦ୍ର ଜଳସେଚନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ, ବିଦ୍ୟୁତ କରଣ ଇତ୍ୟାଦି କାର୍ଯ୍ୟ କରାଯାଇଥାଏ । ଏହି ଯୋଜନାରେ ଅନୁସୁଚିତ ଜାତି ଲୋକମାନଙ୍କର ସାମାଜିକ ସୁରକ୍ଷା ଏବଂ ଆର୍ଥିକ ସୁଦୃଢ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ ।

୩. ପ୍ରଶ୍ନ : ଜିଲ୍ଲା ସ୍ତରରେ ଏହି ଯୋଜନା କିପରି କାର୍ଯ୍ୟକାରୀ ହୋଇଥାଏ ?

ଉତ୍ତର : ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଏହି ଯୋଜନାର ଅଧ୍ୟକ୍ଷ ଅଟନ୍ତି ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ସଦସ୍ୟ ସଚିବ ରହିଥାନ୍ତି ।ଏହି କମିଟିର ନାମ ଜିଲ୍ଲା PMAGY ଏକାଭିମୁଖିତ ସଂଘ । ଏହି କମିଟିର ଅନ୍ୟାନ ସମସ୍ତ ବିଭାଗୀୟ ଅଧିକାରୀମାନେ ସଦସ୍ୟ ରୁହନ୍ତି । ଏହି କମିଟି ବ୍ଲକ ସ୍ତରୀୟ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ ନିମନ୍ତେ ଅନୁମୋଦନ କରିଥାଏ ।

୪. ପ୍ରଶ୍ନ : ଗ୍ରାମ PMAGY ଏକାଭିମୁଖିତା ସଂଘ କଣ ?

ଉତ୍ତର : ଏହା ତୃଣମୂଳ ସ୍ତରର କମିଟି ଅଟେ । କେନ୍ଦ୍ର ସରକାରଙ୍କ ଚିହ୍ନିତ ନିର୍ଦ୍ଦିଷ୍ଟ ଗ୍ରାମରେ ଏହି କମିଟି କାର୍ଯ୍ୟ

କରେ ।ଏହାର ଅଧକ୍ଷ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଟନ୍ତି ଏବଂ ସେହି ଗ୍ରାମର ଯେ କୌଣସି ଅନୁସୂଚିତ ଜାତିର ବ୍ୟକ୍ତି ସଦସ୍ୟ ସଚିବ ରୁହନ୍ତି ।

୫. ପ୍ରଶ୍ନ : ଗ୍ରାମର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏହି ଯୋଜନାରେ ଯୋଜନା ଖସଡ଼ା କିଏ ତିଆରି କରେ ?

ଉତ୍ତର : ଏହା ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଧକ୍ଷତାରେ ଓ ସେହି ଗ୍ରାମର ଆଶା କର୍ମୀ, ଅଙ୍ଗନବାଡ଼ୀ କର୍ମୀ, ସେହି ଗ୍ରାମର ସମସ୍ତ ଅନୁସୂଚିତ ଜାତି ସଦସ୍ୟ ଏବଂ ସମ୍ପୃକ୍ତ ସରକାରୀ ଅଧିକାରୀ ସଦସ୍ୟ ରୁହନ୍ତି ଏବଂ ରାଜ୍ୟର ଜଣେ ବୈଷୟିକ ଜ୍ଞାନ ଥିବା ଅଧିକାରୀ ଗ୍ରାମର ବିଭିନ୍ନ ସମସ୍ୟା ଆଧାରିତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ସେହି ଗ୍ରାମର ଆବଶ୍ୟକତା ଅନୁସାରେ ଲୋକଙ୍କର ଉନ୍ନତି, ସମାଜିକ ସୁରକ୍ଷା, ସମାଜ ମଙ୍ଗଳ କାର୍ଯ୍ୟ ଇତ୍ୟାଦି ଯୋଜନା ପ୍ରସ୍ତୁତ କରୀ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା କମିଟିକୁ ପ୍ରେରଣ କରନ୍ତି ।ଏହା ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ୱାବଧାନରେ ସମ୍ପାଦନ କରାଯାଏ ।

୬. ପ୍ରଶ୍ନ : ଏହି ଯୋଜନା ଆବଶ୍ୟକତା ନିର୍ଦ୍ଧାରଣ କିପରି କରାଯାଏ ?

ଉତ୍ତର : ଏହି ଯୋଜନାରେ ଗ୍ରାମ ତଥା ଜିଲ୍ଲା ସ୍ତରୀୟ ଆବଶ୍ୟକତା ନିର୍ଦ୍ଧାରଣ ନିମନ୍ତେ ଯୋଜନା ମାର୍ଗଦର୍ଶିକା ପୁସ୍ତକର ଫର୍ମ -୧ ରୁ ୭ ରେ ଦର୍ଶାଯାଇଛି ।ଏହା ଅନଲାଇନ ପ୍ରକାରରେ (on-line mode)ରେ କାର୍ଯ୍ୟକାରୀ କରାଯାଏ ।

## ୭-ଯୋଜନା : "ଜାତୀୟ ପରିକଳ୍ପନାରେ ହସ୍ତବୃତ୍ତି ସଫେଇ କର୍ମଚାରୀଙ୍କ ଉନ୍ନତି ଯୋଜନା"

୧. ପ୍ରଶ୍ନ : ଏହି ଯୋଜନାର ଉଦ୍ଦେଶ୍ୟ କଣ ?

ଉତ୍ତର : ଜାତୀୟ ପରିକଳ୍ପନାରେ ହସ୍ତବୃତ୍ତ ସଫେଇ କର୍ମଚାରୀ ଓ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କ ବିକଳ୍ପ ସାମାଜିକ ଓ ଅର୍ଥନୈତିକ ଥଇଥାନ।

୨. ପ୍ରଶ୍ନ : ହସ୍ତବୃତ୍ତି ସଫେଇ କର୍ମଚାରୀ ଓ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କ ସାମାଜିକ ଓ ଅର୍ଥନୈତିକ ଥଇଥାନ ପାଇଁ କିକି ଯୋଜନା ଅଛି ?

ଉତ୍ତର : ହସ୍ତବୃତ୍ତି ସଫେଇ କର୍ମଚାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କୁ ଛୋଟ ଛୋଟ ବ୍ୟବସାୟ କରିବାର ସୁଯୋଗ ଦେବା ନିମନ୍ତେ ସହରାଞ୍ଚଳ ଅଭିବୃଦ୍ଧି କେନ୍ଦ୍ର ମାନଙ୍କରେ ଦୋକାନ ଘର, ସାମୁହିକ କର୍ମଶାଳା, ବିକ୍ରୟ କେନ୍ଦ୍ର ଇତ୍ୟାଦି ନିର୍ମାଣ କରାଯାଏ । ଏହାର ସମସ୍ତ ଖର୍ଚ୍ଚ ନିଗମ ବହନକରେ । ଦୋକାନ ଘର ନିର୍ମାଣ ପରେ ହିତାଧିକାରୀଙ୍କୁ ବ୍ୟବସାୟ କରିବା ପାଇଁ ବ୍ୟାଙ୍କ ମାଧମରେ ଋଣ ପ୍ରଦାନ କରାଯାଇ ସେମାନଙ୍କୁ ଥଇଥାନ କରାଯିବା ବ୍ୟବସ୍ଥା ରହିଛି । ଏତଦ୍‌ବ୍ୟତୀତ ବେତ ବାଉଁଶ କାମ, ଚମଡା କାମ ଓ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ଲୋକମାନଙ୍କର ସୁବିଧା ନିମନ୍ତେ ସାମୁହିକ କର୍ମଶାଳା ନିର୍ମାଣ କରାଯାଉଛି ।

୩. ପ୍ରଶ୍ନ : ହସ୍ତବୃତ୍ତ ସଫେଇ କର୍ମଚାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କୁ ସାମାଜିକ ଅର୍ଥନୈତିକ ଥଇଥାନ ପାଇଁ ତାଲିମ୍ ଦେବାର ବ୍ୟବସ୍ଥା ଅଛି କି ?

ଉତ୍ତର : ହିତାଧିକାରୀ ମାନଙ୍କ ରୁଚି ଓ ଚାହିଦା ଅନୁଯାୟୀ ବିଭିନ୍ନ ତାଲିମ୍ ଦେବାର ବ୍ୟବସ୍ଥା କରାଯାଇଛି । ଏହି ତାଲିମ ବାବଦରେ ଶିକ୍ଷାନବୀଶ ମାନଙ୍କର ବୃତ୍ତି, ତାଲିମ୍ ପାଇଁ ଆବଶ୍ୟକୀୟ କଞ୍ଚାମାଲ, କୁଶଳୀ

କାରିଗରଙ୍କର ଭତ୍ତା ଇତ୍ୟାଦି ନିଗମ ଦେଉଅଛି । ତାଲିମ୍ ସମାପ୍ତ ହେବା ପରେ ପରେ ତାଲିମ୍ ପାଇଥିବା ଲୋକଙ୍କର ବିକଳ୍ପ ଅର୍ଥନୈତିକ ଥଇଥାନ ନିମନ୍ତେ ବ୍ୟାଙ୍କ ଋଣ, ନିଗମ ମାର୍ଜିନ ମନି ଋଣ ଓ ଅନୁଦାନ ମାଧ୍ୟମରେ ଆର୍ଥିକ ସହାୟତା ଦିଆ ଯାଉଅଛି ।

୪. ପ୍ରଶ୍ନ : ତାଲିମ ପାଇଁ କେତେ ଅର୍ଥ / ଦେୟ ଦେବାକୁ ପଡିବ ?

ଉତ୍ତର : ତାଲିମ ପାଇଁ କୌଣସି ଦେୟ/ ଅର୍ଥ ଦେବାକୁ ପଡିବ ନାହିଁ ?

୫. ପ୍ରଶ୍ନ : କେଉଁ ସଂସ୍ଥା ମାଧ୍ୟମରେ ତାଲିମ୍ ଦିଆଯାଏ ।

ଉତ୍ତର : ତାଲିମ୍ କାର୍ଯ୍ୟକ୍ରମ ବିଭିନ୍ନ ସରକାରୀ ଓ ପଞ୍ଜିକୃତ ବେସରକାରୀ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେଉଅଛି ।

୬. ପ୍ରଶ୍ନ: ହସ୍ତବୃତ୍ତ ସଫେଇ କର୍ମଚାରୀ ମାନଙ୍କୁ କିପରି ଚୟନ / ଚିହ୍ନଟ କରାଯାଏ ?

ଉତ୍ତର : ଏହି ଜାତୀୟ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସମୟେ ସମୟେ ନିଗମ ତରଫରୁ ସଫେଇ କର୍ମଚାରୀମାନଙ୍କ ସଂଖ୍ୟା ସର୍ଭେ କରାଯାଏ । ସର୍ଭେ କାର୍ଯ୍ୟ ସମସ୍ତ ସହରା ଓ ଗ୍ରାମାଞ୍ଚଳ ରେ ଶେଷ ହୋଇ ଚିହ୍ନଟହେଇଥିବା ଲୋକଙ୍କ ବିବରଣୀ ଅନୁଯାୟୀ ଏହି ଯୋଜନା କାର୍ଯ୍ୟକାରୀ ହୁଏ ।

ଯଦି କୌଣସି ହସ୍ତବୃତ୍ତ ସଫେଇ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କର ସର୍ଭେ ହୋଇ ନଥାଏ ତେବେ ସେ ତୁରନ୍ତ ସହରାଞ୍ଚଳ ପାଇଁ ସଂପୃକ୍ତ ମହା ନଗର ନିଗମ, ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କମିଶନର / ନିର୍ବାହୀ ଅଧିକାରୀ ଓ ଗ୍ରାମାଞ୍ଚଳ ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଜଣାଇବା ଉଚିତ୍ ।

## ୮-ଯୋଜନା : "ଉଚ୍ଚ ମୂଲ୍ୟଯୁକ୍ତ" ପ୍ରକଳ୍ପ ଋଣ

ଓଡିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ, ଅନୁସୂଚିତ ଜାତି ଓ ଜନଜାତି ବ୍ୟକ୍ତି ମାନଙ୍କ ନିମନ୍ତେ ଉଚ୍ଚ ମୂଲ୍ୟ ଋଣ ପ୍ରଦାନ କରି ଆସୁଛି । ଏହି ନିଗମ, ଓଡିଶା ରାଜ୍ୟ ପାଇଁ ଯୋଗାଯୋଗ ପ୍ରତିନିଧି ଭାବେ କାମକରେ । ଜାତୀୟ ନିଗମ ଯଥା ଏନ.ଏସ.ଏଫ.ଡି.ସି. ଓ ଏନ.ଏସ.କେ.ଏଫ.ଡି.ସି. ଠାରୁ ଋଣ ଆକାରରେ ଅର୍ଥ ଗ୍ରହଣ କରି ଅନୁସୂଚିତ ଜାତି ଓ ଜନଜାତି ଇଚ୍ଛୁକ ଓ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରିଥାଏ । ଏହି ଋଣ ମୁଖ୍ୟତଃ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ଗୋପାଳନ, କ୍ଷୁଦ୍ର ବ୍ୟବସାୟ, ମହିଳା ଉଦ୍ୟୋଗ ସ୍ଥାପନ, ପରିବହନ ଯାନବାହାନ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ନିମନ୍ତେ ପ୍ରଦାନ କରାଯାଏ ।

ବର୍ତ୍ତମାନ ପାଇଁ ଏହି ଋଣ ପ୍ରଦାନ ସାମୟିକ ଭାବେ ସ୍ଥଗିତ ରହିଛି ।

## ୯-ସୂଚନା ପ୍ରଦାନକାରୀ ପରିଶିଷ୍ଟ ଗୁଡିକ :

ପ୍ରଶ୍ନ : ଓ.ଏସ.ଏଫ.ଡ଼ି.ସି. ତରଫରୁ କେଉଁ କ୍ଷେତ୍ରରେ ଦଳଗତ ତଥା ବ୍ୟକ୍ତିଗତ ବ୍ୟାଙ୍କ ଋଣ, ଦକ୍ଷତା ବିକାଶ ତାଲିମ ଇତ୍ୟାଦିର ବ୍ୟବସ୍ଥା ରହିଅଛି ?

ଉତ୍ତର : ଓ.ଏସ.ଏଫ.ଡ଼ି.ସି. ତରଫରୁ ସମସ୍ତ କାର୍ଯ୍ୟକ୍ରମର ସୂଚନାପତ୍ରିକା ପରିଶିଷ୍ଟ-କ ରୁ ପରିଶିଷ୍ଟ-ଛ ନିମ୍ନରେ ଦିଆଗଲା ।

| | | | |
|---|---|---|---|
| ପରିଶିଷ୍ଟ- କ | ପରିଶିଷ୍ଟ- ଖ | ପରିଶିଷ୍ଟ-ଗ | ପରିଶିଷ୍ଟ-ଘ |
| ପରିଶିଷ୍ଟ-ଙ | ପରିଶିଷ୍ଟ-ଚ | ପରିଶିଷ୍ଟ-ଛ | |

পরিশিষ্ট- ক

# ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ

ଲୁଇସ୍ ରୋଡ଼, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪
ଫୋ: ୦୬୭୪ – ୨୪୩୧୭୯୮ / ୨୪୩୨୧୦୭ / ୨୪୩୨୯୪୯

## ଅନୁସୂଚିତ ଜାତି ଓ ଜନଜାତି ବି.ପି.ଏଲ୍. ପରିବାରର ସଦସ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ବ୍ୟାଙ୍କ ଜରିଆରେ ବିଭିନ୍ନ ଆୟକାରୀ ପ୍ରକଳ୍ପରେ ରିହାତି ଋଣ ପ୍ରଦାନ ପାଇଁ ବ୍ୟବସ୍ଥା

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର "ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC)" ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ପରିବାରର ଯୁବକ, ଯୁବତୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ବ୍ୟାଙ୍କ ଜରିଆରେ ବିଭିନ୍ନ ଆୟକାରୀ ପ୍ରକଳ୍ପରେ ଋଣ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

### ୧. ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବି.ପି.ଏଲ୍. ହିତାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦାରିଦ୍ର୍ୟ ଦୂରିକରଣ, ସାମାଜିକ, ଆର୍ଥିକ ସୁଦୃଢ଼ିକରଣ ତଥା ଉପାର୍ଜନକ୍ଷମ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ ।

### ୨. ଋଣ ନିମନ୍ତେ କେଉଁମାନେ ଆବେଦନ କରିପାରିବେ :

(କ) ପ୍ରାର୍ଥୀ/ପ୍ରାର୍ଥିନୀ/ପରିବାର/ସ୍ୱୟଂ ସହାୟକ ଗୋଷ୍ଠିର ସମସ୍ତ ସଦସ୍ୟ/ସଦସ୍ୟା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବେ ଓ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ପ୍ରାର୍ଥୀ/ପ୍ରାର୍ଥିନୀ/ପରିବାର/ସ୍ୱୟଂ ସହାୟକ ଗୋଷ୍ଠିର ସମସ୍ତ ସଦସ୍ୟ/ସଦସ୍ୟାଙ୍କର ବୟସ ୧୮ ବର୍ଷରୁ ଉର୍ଦ୍ଧ ହୋଇଥିବ ।

(ଗ) ପ୍ରାର୍ଥୀ/ପ୍ରାର୍ଥିନୀ/ପରିବାର/ସ୍ୱୟଂ ସହାୟକ ଗୋଷ୍ଠିର ସମସ୍ତ ସଦସ୍ୟ/ସଦସ୍ୟା ବି.ପି.ଏଲ. ବର୍ଗର ହୋଇଥିବା ଆବଶ୍ୟକ ।

(ଘ) ପ୍ରାର୍ଥୀ/ପ୍ରାର୍ଥିନୀ/ପରିବାର/ସ୍ୱୟଂ ସହାୟକ ଗୋଷ୍ଠିର ସମସ୍ତ ସଦସ୍ୟ/ସଦସ୍ୟା ପୂର୍ବରୁ କୌଣସି ସରକାରୀ ଯୋଜନାରେ ରିହାତିଯୁକ୍ତ ଋଣ ଗ୍ରହଣ କରିନଥିବେ ।

(ଙ) ସ୍ୱୟଂ ସହାୟକ ଗୋଷ୍ଠିଙ୍କ ପାଇଁ ଗୋଷ୍ଠି ଗଠନ ଅନ୍ତତଃ ଛଅ ମାସ ପୂର୍ବରୁ ପଞ୍ଜିକୃତ ହୋଇଥିବ ଏବଂ ଦ୍ୱିତିୟ ପର୍ଯ୍ୟାୟ ଶ୍ରେଣୀକରଣ ହୋଇଥିବ ।

### ୩. ଋଣ ଆବେଦନର ପ୍ରଣାଳୀ :

ଏଥି ପାଇଁ ନିଗମ ଦୁଇ ପ୍ରକାର ଆବେଦନ ପତ୍ର ପ୍ରଚଳନ କରିଥାଏ । (କ) ବ୍ୟକ୍ତିଗତ ଋଣ ଆବେଦନ ପତ୍ର (ଖ) ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ଆବେଦନ ପତ୍ର । ଏହି ଆବେଦନ ପତ୍ର ବିନା ମୂଲ୍ୟରେ ନିଗମ ତରଫରୁ ଯୋଗାଇ ଦିଆଯାଏ । ଏହା ପ୍ରତ୍ୟେକ ପଞ୍ଚାୟତ ସମିତିର "ଗୋଷ୍ଠୀ ଉନ୍ନୟନ ଅଧିକାରୀ" କିମ୍ବା "ମଙ୍ଗଳ ସଂପ୍ରସାରଣ ଅଧିକାରୀ" ଏବଂ ପ୍ରତ୍ୟେକ ଜିଲ୍ଲାର "ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ପରିଚାଳକଙ୍କ"ଠାରେ ଉପଲବ୍ଧ । ସେହିପରି ସହରାଞ୍ଚଳରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରାଞ୍ଚଳ ଓ ମହାନଗର ନିଗମ କାର୍ଯ୍ୟାଳୟରେ ଆବେଦନ ପତ୍ର ଉପଲବ୍ଧ ।

ଉ.ପୃ.ଦେ...

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ/ପରିବାର/ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ନିଜର ପଞ୍ଚାୟତ ସମିତି କିମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରାଞ୍ଚଳ ଓ ମହାନଗର ନିଗମ କାର୍ଯ୍ୟାଳୟରେ ଆବଶ୍ୟକ ପ୍ରମାଣ ପତ୍ର ଯଥା ବି.ପି.ଏଲ୍. କାର୍ଡ, ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ଜାତି ଗତ ପ୍ରମାଣ ପତ୍ର, ବ୍ୟାଙ୍କ ପାସ୍ ବହିର ନକଲ, ଦୁଇ ଗୋଟି ପାସ୍ ପୋର୍ଟ ସାଇଜ୍‌ର ଫଟୋ ସହିତ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଆବେଦନ କରିପାରିବେ । ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କପାଇଁ ସେମାନଙ୍କ ବୈଠକର ବିବରଣୀ ଏବଂ ବ୍ୟାଙ୍କ ପାସ୍ ବହିର ନକଲ ସହ ପ୍ରତ୍ୟେକ ସଦସ୍ୟଙ୍କ ବି.ପି.ଏଲ୍. କାର୍ଡ, ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ଜାତି ଗତ ପ୍ରମାଣ ପତ୍ର, ଦୁଇ ଗୋଟି ପାସ୍ ପୋର୍ଟ ସାଇଜ୍‌ର ଫଟୋ ସହ ଆବେଦନ ପତ୍ର ସମ୍ପୂର୍ଣ୍ଣ ପୂରଣ କରି ଗ୍ରାମାଞ୍ଚଳ ନିମନ୍ତେ ସମ୍ପୃକ୍ତ "ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଓ ସହରାଞ୍ଚଳ ନିମନ୍ତେ ସମ୍ପୃକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରାଞ୍ଚଳ ଓ ମହାନଗର ନିଗମ ଅଧିକାରୀଙ୍କୁ ଆବେଦନ କରିପାରିବେ ।

## ୪. କେଉଁ କେଉଁ କ୍ଷେତ୍ରରେ ଋଣ ମଞ୍ଜୁର କରାଯାଏ :

(କ) କୃଷି ଉନ୍ନୟନ (ଖ) ପଶୁ ପାଳନ (ଗ) ମତ୍ସ୍ୟ ଚାଷ (ଘ) ଉଦ୍ୟାନ କୃଷି ଭିତ୍ତିକ ଚାଷ (ଙ) କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ (ଚ) କ୍ଷୁଦ୍ର ଓ କୁଟିର ଶିଳ୍ପ ସ୍ଥାପନ କ୍ଷେତ୍ରରେ ଋଣ ପ୍ରଦାନ କରାଯାଏ ।

## ୫. ରିହାତି ପରିମାଣ :

ଏହି ଯୋଜନାରେ ପ୍ରତ୍ୟେକ ବି.ପି.ଏଲ୍. ପରିବାରର ବ୍ୟକ୍ତି ବିଶେଷଙ୍କୁ ପ୍ରକଳ୍ପ ମୂଲ୍ୟର ଶତକଡା ୫୦ଭାଗ କିମ୍ବା ସର୍ବୋଚ୍ଚ ଟ.୧୦,୦୦୦ଙ୍କା ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଏ । ସେହିପରି ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କ ନିମନ୍ତେ ପ୍ରକଳ୍ପ ମୂଲ୍ୟର ଶତକଡା ୫୦ଭାଗ କିମ୍ବା ସର୍ବୋଚ୍ଚ ଟ.୧,୨୫,୦୦୦ଙ୍କା ପର୍ଯ୍ୟନ୍ତ ରିହାତି ମଞ୍ଜୁର କରାଯାଇଥାଏ ।

## ୬. ବ୍ୟାଙ୍କ ଋଣ :

ଏହି ଯୋଜନାରେ ବ୍ୟାଙ୍କ ଗୁଡିକ ପ୍ରତ୍ୟେକ ବ୍ୟକ୍ତିଗତ ଋଣ ନିମନ୍ତେ ଟ.୩୦,୦୦୦ଙ୍କା ରୁ ଟ୫୦,୦୦୦ଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିଥାନ୍ତି ଏବଂ ପ୍ରତ୍ୟେକ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କୁ ଟ.୨,୦୦,୦୦୦ଙ୍କା କିମ୍ବା ତଦୁର୍ଦ୍ଧ ଋଣ ପ୍ରଦାନ କରିଥାନ୍ତି । ଏଥି ନିମନ୍ତେ ସମ୍ପୃକ୍ତ ବିଭାଗୀୟ କ୍ଷମତାପର୍ଣ୍ଣ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରିବାକୁ ହୁଏ ।

## ସଂପୂର୍ଣ୍ଣ ତଥ୍ୟ ନିମନ୍ତେ ଯୋଗାଯୋଗ :

**ପରିଚାଳନା ନିର୍ଦ୍ଦେଶକ**

**ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ**

ଲୁଇସ୍ ରୋଡ଼, ଭୁବନେଶ୍ୱର, ଓଡିଶା-୭୫୧୦୧୪

ଫୋ: ୦୬୭୪ – ୨୪୩୧୭୯୮ / ୨୪୩୨୧୦୭ / ୨୪୩୨୯୪୯

ଇ-ମେଲ୍ : odisha.osfdc@gmail.com

ୱେବ୍-ସାଇଟ୍ : http://www.stscodisha.gov.in/SCSTfinanceCooperativeCoopertion

**ଏବଂ**

**ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ପରିଚାଳକ**

**ଓ**

**ନିଜ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ,**
**"ଗୋଷ୍ଠି ଉନ୍ନୟନ ଅଧିକାରୀ" ଓ ସହରାଞ୍ଚଳ ନିମନ୍ତେ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରାଞ୍ଚଳ ଓ ମହାନଗର ନିଗମ**
**ଅଧିକାରୀଙ୍କୁ ଋଣ ମଞ୍ଜୁର ନିମନ୍ତେଯୋଗାଯୋଗ କରିପାରିବେ**

পরিশিষ্ট- খ

# ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ

ଲୁଇସ୍ ରୋଡ଼, ଭୁବନେଶ୍ୱର, ଓଡିଶା-୭୫୧୦୧୪

ସଂପୂର୍ଣ୍ଣ ମାଗଣା

## ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥୀଙ୍କ ପାଇଁ ବ୍ୟାପକ ତାଲିମ ଓ ନିଯୁକ୍ତିର ବ୍ୟବସ୍ଥା

ନିଶ୍ଚିତ କର୍ମନିଯୁକ୍ତି

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC), ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରମୁଖ ସରକାରୀ ଓ ବେସରକାରୀ ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନମାନଙ୍କରେ ତାଲିମ ଓ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

### ୨. ଯୋଗ୍ୟତା

(କ) ପ୍ରାର୍ଥୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବେ ଓ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ପ୍ରାର୍ଥୀଙ୍କର ବୟସ ୧୮ ବର୍ଷରୁ କମ ହୋଇନଥିବ ଏବଂ ୩୫ ବର୍ଷରୁ ଅଧିକ ହୋଇନଥିବ ।

(ଗ) ପ୍ରାର୍ଥୀ ବି.ପି.ଏଲ ବର୍ଗର ହୋଇଥିବା ଆବଶ୍ୟକ, ଅର୍ଥାତ ସେମାନଙ୍କର ବାର୍ଷିକ ପାରିବାରିକ ଆୟ ଗ୍ରାମାଞ୍ଚଳ ପାଇଁ ସର୍ବୋଚ୍ଚ ଟ. ୪୦,୦୦୦/- ଟଙ୍କା ଏବଂ ସହରାଞ୍ଚଳ ପାଇଁ ସର୍ବୋଚ୍ଚ ୬୦,୦୦୦/- ଟଙ୍କା ହେବା ଆବଶ୍ୟକ ।

(ଘ) ପ୍ରାର୍ଥୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ଓ ତଦୂର୍ଦ୍ଧ ହୋଇଥିବା ଆବଶ୍ୟକ ।

### ୩. ସମ୍ପୂର୍ଣ୍ଣ ମାଗଣା ପାଠ୍ୟକ୍ରମ

ଏହା ସମ୍ପୂର୍ଣ୍ଣ ମାଗଣା ତାଲିମ୍ ଅଟେ । ପ୍ରାର୍ଥୀମାନଙ୍କୁ ମାଗଣାରେ ରହିବା, ପାଠ୍ୟ ପୁସ୍ତକ, ତାଲିମ୍ ସାମଗ୍ରୀ ଓ ଖାଇବା ବ୍ୟବସ୍ଥା ଯୋଗାଇ ଦିଆଯିବ । ଯେଉଁ ଜିଲ୍ଲାର ପ୍ରାର୍ଥୀ ସେହି ଜିଲ୍ଲାରେ ତାଲିମ ଦେବାର ବ୍ୟବସ୍ଥା ହୋଇନପାରିଲେ, ନିକଟତମ ଜିଲ୍ଲାରେ ତାଲିମ ଦିଆଯିବାର ବ୍ୟବସ୍ଥା କରାଯିବ ।

### ୪. କିପରି ଆବେଦନ କରିବେ

ଇଚ୍ଛୁକ ପ୍ରାର୍ଥୀ ସାଦାକାଗଜରେ ଆବଶ୍ୟକ ପ୍ରମାଣ ପତ୍ରର ନକଲ ସହ ନିଜ ନିଜ ଜିଲ୍ଲାର ଜିଲ୍ଲାମଙ୍ଗଳ ଅଧିକାରୀ ତଥା ଜିଲ୍ଲାପରିଚାଳକ, OSFDC ଏବଂ ସମ୍ପୃକ୍ତ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ, ITDAଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଏଥିନିମନ୍ତେ ନିମ୍ନଲିଖିତ ପ୍ରମାଣପତ୍ର ଆବଶ୍ୟକ ଅଟେ।

(କ) ବିଦ୍ୟାଳୟ/ମହାବିଦ୍ୟାଳୟର ସାର୍ଟିଫିକେଟ୍ (ଶିକ୍ଷାଗତ ଯୋଗ୍ୟତା ନିମନ୍ତେ)।

(ଖ) ତହସିଲ୍‌ଦାରଙ୍କ ଦ୍ୱାରା ପ୍ରଦତ୍ତ ଜାତିଗତ ପ୍ରମାଣ ପତ୍ର।

(ଗ) ବି.ପି.ଏଲ୍. କାର୍ଡ / ଅନ୍ତ୍ୟୋଦୟ (AAY) କିମ୍ବା ତହସିଲ୍‌ଦାରଙ୍କ ଦ୍ୱାରା ପ୍ରଦତ୍ତ ବାର୍ଷିକ ପାରିବାରିକ ଆୟର ପ୍ରମାଣ ପତ୍ର (ଗ୍ରାମାଞ୍ଚଳ ନିମନ୍ତେ ବାର୍ଷିକ ଆୟ ଟ.୪୦,୦୦୦ଙ୍କା ଏବଂ ସହରାଞ୍ଚଳ ନିମନ୍ତେ ଟ.୬୦,୦୦୦ଙ୍କା)।

(ଘ) ଆଧାର କାର୍ଡ / ଭୋଟ୍ ପରିଚୟ ପତ୍ର।

(ଙ) ପାସ୍ ଫଟୋ (୩ ଗୋଟି)।

ଉ.ପୃ.ଦେ...

## ୫. ତାଲିମ୍ ନିମନ୍ତେ ପାଠ୍ୟକ୍ରମ

| ତାଲିମ ପାଠ୍ୟକ୍ରମ | ତାଲିମ ପାଠ୍ୟକ୍ରମ |
|---|---|
| BASIC AUTOMOTIVE SERVICING (2 WHEELER & 3 WHEELER) | BEDSIDE ASSISTANT |
| DRIVER CUM MECHANIC | BASIC ANATOMY & PHYSIOLOGY |
| BEAUTY THERAPY & HAIR STYLING LEVEL 1 | HEALTHCARE & MULTIPURPOSE WORKER |
| INTEGRATED COURSE IN HAIR, SKIN & MAKE UP | FILM EXTRUSION MACHINE OPERATIONS (FEMO) |
| MASON | PIPE & PROFILE EXTRUSION MACHINE OPERATIONS (PPEMO) |
| PLUMBER | FRP PRODUCTS MANUFACTURING OPERATIONS (FPMO) |
| ELECTRICIAN DOMESTIC | PLASTIC PIPE FITTING & JOINING OPERATIONS (PPFJO) |
| ELECTRICAL WINDER | PVC PIPE THREADING MACHINE OPERATIONS (PPTMO) |
| ARC & GAS WELDER | TESTING & QUALITY FOR PLASTICS MATERIALS & PRODUCTS (TQC) |
| INDUSTRIAL SEWING MACHINE OPERATOR | REPAIRING & MAINTENANCE OF REFRIGERATOR |
| GARMENT CONSTRUCTION TECHNIQUES | REPAIRING & MAINTENANCE OF WINDOW & SPLIT AC |
| FRONT OFFICE CUM RECEPTIONIST | SECURITY GUARD |
| HOSPITALITY ASSISTANT | BASIC WOOD WORK |
| ELECTRICIAN INDUSTRIAL | WOODEN FURNITURE |

## ୬. ସଂପୂର୍ଣ୍ଣ ତଥ୍ୟ ନିମନ୍ତେ ଯୋଗାଯୋଗ :


**ପରିଚାଳନା ନିର୍ଦ୍ଦେଶକ**

**ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ**

ଲୁଇସ୍ ରୋଡ଼, ଭୁବନେଶ୍ୱର, ଓଡିଶା-୭୫୧୦୧୪

ଫୋ: ୦୬୭୪ – ୨୪୩୧୭୯୮ / ୨୪୩୨୧୦୭ / ୨୪୩୨୯୪୯

ଇ-ମେଲ୍ : odisha.osfdc@gmail.com


**ଏବଂ**

**ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ପରିଚାଳକ ଓ ନିଜ ନିଜ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ**

## ତାଲିମ୍ ନିମନ୍ତେ ଯୋଗାଯୋଗ କରିପାରିବେ

ପରିଶିଷ୍ଟ- ଗ

# ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ

ଲୁଇସ୍ ରୋଡ୍, ଭୁବନେଶ୍ୱର, ଓଡିଶା-୭୫୧୦୧୪

ଫୋ: ୦୬୭୪ – ୨୪୩୧୭୯୮ / ୨୪୩୨୧୦୭ / ୨୪୩୨୯୪୯

## ସରକାରଙ୍କ ଦ୍ୱାରା ଚିହ୍ନିତ ମାନୁଆଲ ସ୍କାଭେଞ୍ଜର (Manual Scavenger)/ସଫେଇ କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ସଦସ୍ୟଙ୍କ ପାଇଁ ଜାତୀୟ ସଫେଇ କର୍ମଚାରୀ ଅର୍ଥ ଉନ୍ନୟନ ନିଗମ (NSKFDC) ଦ୍ୱାରା ଋଣ, ଦକ୍ଷତା ବିକାଶ ଓ ନିଯୁକ୍ତିର ବ୍ୟବସ୍ଥା ।

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC) ଦ୍ୱାରା NSKFDC ଋଣ ଓ ଦକ୍ଷତା ବିକାଶ ଏବଂ ନିଯୁକ୍ତିର ବ୍ୟବସ୍ଥା ନିମନ୍ତେ ଚିହ୍ନଟ  ମାନୁଆଲ ସ୍କାଭେଞ୍ଜରଙ୍କ (Manual Scavenger)/ସଫେଇ କର୍ମଚାରୀ ପାଇଁ ବିଭିନ୍ନ ଆୟକାରୀ ପ୍ରକଳ୍ପର ଋଣ ପ୍ରଦାନ, ଦକ୍ଷତା ବିକାଶ ତାଲିମ୍ ଓ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

### ୧. ଯୋଜନାର ଉଦ୍ଦେଶ୍ୟ :

(କ) ଚିହ୍ନିତ ମାନୁଆଲ ସ୍କାଭେଞ୍ଜରଙ୍କ (Manual Scavenger)/ସଫେଇ କର୍ମଚାରୀ ଥଇଥାନ ନିମନ୍ତେ ଏବଂ ସେମାନଙ୍କର ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସାମାଜିକ, ଆର୍ଥିକ ସୁଦୃଢ଼ିକରଣ ତଥା ଉପାର୍ଜନ କ୍ଷମ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ ।

(ଖ) ତତ୍ ସଙ୍ଗେ ସଙ୍ଗେ ଚିହ୍ନିତ ମାନୁଆଲ ସ୍କାଭେଞ୍ଜରଙ୍କ (Manual Scavenger)/ସଫେଇ କର୍ମଚାରୀ ପାଇଁ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ନିମନ୍ତେ ଉଦ୍ଦିଷ୍ଟ ।

### ୨. ଋଣ ନିମନ୍ତେ କାହାକୁ ଆବେଦନ କରିବେ :

ଚିହ୍ନିତ ମାନୁଆଲ ସ୍କାଭେଞ୍ଜରଙ୍କ(Manual Scavenger)/ସଫେଇ କର୍ମଚାରୀ ସମ୍ପୃକ୍ତ ନିଜ ନିଜର ଜିଲ୍ଲା ମଙ୍ଗଳ ଅଧିକାରୀ, ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ତଥା ମହାନଗର ନିଗମ କାର୍ଯ୍ୟାଳୟରେ ଆବେଦନ କରିବେ ।

### ୩. ଆବେଦନ ପ୍ରଣାଳୀ :

ବ୍ୟକ୍ତିଗତ ଋଣ ଆବେଦନ ନିମନ୍ତେ ଇଚ୍ଛୁକ ସଦସ୍ୟ ଆବଶ୍ୟକୀୟ ପ୍ରମାଣ ପତ୍ର ଯଥା ଭୋଟ ପରିଚୟ ପତ୍ର, ଆଧାର କାର୍ଡ଼, ସଫେଇ କର୍ମଚାରୀ ପରିଚୟ ପତ୍ର(ଫଟୋ, ନିଜର ପାସ୍‌ପୋର୍ଟ ଫଟୋ) ସଂଲଗ୍ନ ସହିତ ଫର୍ମ ପୂରଣ କରି ସମ୍ପୃକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରାଞ୍ଚଳ ଓ ମହାନଗର ନିଗମ କାର୍ଯ୍ୟାଳୟରେ ଆବେଦନ କରିବେ ।

### ୪. କେଉଁ କେଉଁ କ୍ଷେତ୍ରରେ ଋଣ ମଞ୍ଜୁର କରାଯାଏ ?

ଋଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥି କ୍ଷୁଦ୍ର ବ୍ୟବସାୟ, ପଶୁପାଳନ, ମତ୍ସ୍ୟ ବ୍ୟବସାୟ, କ୍ଷୁଦ୍ର ଓ କୁଟୀର ଶିଳ୍ପ ସ୍ଥାପନ, ଅଟୋରିକ୍ସା ଋଣ, ତେଜରାତି ଦୋକାନ ଇତ୍ୟାଦି ନିମନ୍ତେ ଆବେଦନ କରିପାରିବେ ।

### ୫) ରିହାତି ପରିମାଣ :

ଏହି ଯୋଜନାରେ ଋଣ ନିମନ୍ତେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୫୦ ଭାଗ ରିହାତିର ବ୍ୟବସ୍ଥା ରହିଛି ।୨ ଲକ୍ଷ ଟଙ୍କା ଉର୍ଦ୍ଧ୍ୱ ଶତକଡ଼ା ୩୩.୩୩% ରିହାତିର ବ୍ୟବସ୍ଥା ରହିଅଛି ।

ଉ.ପୃ.ଦେ...

**୬) ଦକ୍ଷତା ବିକାଶ ନିମନ୍ତେ ତାଲିମ ବ୍ୟବସ୍ଥା :**

ଏହି କାର୍ଯ୍ୟକ୍ରମରେ ଇଚ୍ଛୁକ ସଦସ୍ୟଙ୍କ ଦକ୍ଷତା ବିକାଶ ନିମନ୍ତେ ତାଲିମ ବ୍ୟବସ୍ଥା ଅଛି । NSKFDCଙ୍କ ଆର୍ଥିକ ସହାୟତାରେ OSFDC ଏହି କାର୍ଯ୍ୟକ୍ରମକୁ ପରିଚାଳିତ କରେ, ଏବଂ ସଦସ୍ୟଙ୍କୁ ଦକ୍ଷତାର ବିକାଶ ସ୍ୱାବଲମ୍ବୀ ହେବା ନିମନ୍ତେ କାର୍ଯ୍ୟକରେ ।

**୭) NSKFDC ଋଣ :**

ଏହି ଯୋଜନାରେ ପ୍ରତ୍ୟକ ବ୍ୟକ୍ତିଙ୍କୁ ଋଣ ନିମନ୍ତେ ଟ୫୦,୦୦୦ଙ୍କାରୁ ଟ୫,୦୦,୦୦୦ଙ୍କା ପର୍ଯ୍ୟନ୍ତ ଋଣ ଗୁଡ଼ିକ କରିଥାନ୍ତି । ଏଥି ନିମନ୍ତେ ସମ୍ପୃକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ଅଞ୍ଚଳ ଓ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରିବାକୁ ହୁଏ ।ଏହା ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ OSFDCକୁ ଦରଖାସ୍ତ ପ୍ରେରଣ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ଋଣ ପ୍ରଦାନ କରାଯାଏ ।

**(୮) ଜାତୀୟ ସଫେଇ କର୍ମଚାରୀ ଅର୍ଥ ଉନ୍ନୟନ ନିଗମ (NSKFDC)ରେ ଋଣ ପ୍ରଦାନ ନିମନ୍ତେ କେତୋଟି ଯୋଜନା ।**

(କ) ମହିଳା ସମୃଦ୍ଧି ଯୋଜନା,

(ଖ) ମହିଳା ଅଧିକାରୀତା ଯୋଜନା,

(ଗ) କ୍ଷୁଦ୍ର ଋଣ ସହାୟତା,

(ଘ) ସାଧାରଣ ମିଆଦୀ ଋଣ,

(ଙ) ଶିକ୍ଷା ଋଣ,

(ଚ) ସ୍ୱଚ୍ଛତା ଉଦ୍ୟମି ଯୋଜନା,

(ଛ) ସାନିଟାରୀ ମାର୍ଟ ଯୋଜନା,

(ଜ) ସବୁଜ ବ୍ୟବସାୟ ଯୋଜନା ଇତ୍ୟାଦି ଉପଲବ୍ଧ ଅଟେ ।

**ସଂପୂର୍ଣ୍ଣ ତଥ୍ୟ ନିମନ୍ତେ ଯୋଗାଯୋଗ :**


**ପରିଚାଳନା ନିର୍ଦ୍ଦେଶକ**

**ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ**

ଲୁଇସ୍ ରୋଡ଼, ଭୁବନେଶ୍ୱର, ଓଡିଶା-୭୫୧୦୧୪

ଫୋ : ୦୬୭୪ – ୨୪୩୧୭୯୮ / ୨୪୩୨୧୦୭ / ୨୪୩୨୯୪୯

ଇ-ମେଲ୍ : odisha.osfdc@gmail.com

ୱେବ୍-ସାଇଟ୍ : http://www.stscodisha.gov.in/SCSTfinanceCooperativeCoopertion


**ଏବଂ**

**ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ପରିଚାଳକ**

**ଓ**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରାଞ୍ଚଳ ଓ ମହାନଗର ନିଗମ ଅଧିକାରୀଙ୍କୁ ଋଣ ମଞ୍ଜୁର ନିମନ୍ତେ ଯୋଗାଯୋଗ କରିପାରିବେ**

# ବ୍ୟକ୍ତିଗତ ଋଣ ଦରଖାସ୍ତ ଫର୍ମ

**Sl No**

# INDIVIDUAL LOAN APPLICATION FORM

For financing of loan under the Bankable /IGS/Sch.caste/ Sch.tribe of the Orissa Scheduled caste and Scheduled Tribe Development Finance Co - Operative Corporation Ltd., Bhuabneswar.

(Kindly mark the programme fo which the loan application is sponsored)

ପ୍ରାପ୍ତେଷୁ

ଶ୍ରୀଯୁକ୍ତ ଶାଖାପରିଚାଳକ ସଂପାଦକ.............................................ବ୍ୟାଙ୍କ/ସମିତି...................................................

To

The Branch Manager.....................................Bank.........................................................

୧। ଦରଖାସ୍ତକାରୀଙ୍କ ନାମ, ପିତାଙ୍କ ନାମ, ଠିକଣା ଓ ବୟସ

1. Name, Father's Name, Address of applicant and age

୨।. ଦରଖାସ୍ତକାରୀ କ୍ଷୁଦ୍ର ଚାଷୀ / ନାମମାତ୍ର ଚାଷୀ / ଚାଷୀ ମୂଲିଆ/ ଭୂମିହୀନ ଶ୍ରମିକ / ଗ୍ରାମିଣ କାରୀଗର (ଶ୍ରେଣୀ ଏବଂ ଚିହ୍ନଟର କ୍ରମିକ ସଂଖ୍ୟା ଗୋଷ୍ଠୀ ଉନ୍ନୟନ ଅଧିକାରୀ / ଉପଜିଲ୍ଲାପାଳ / (osfdc) ଜିଲ୍ଲା ପରିଚାଳକ ଲେଖିବେ) ପରିବାରର ବାର୍ଷିକ ଆୟ ସଂକ୍ରାନ୍ତିୟ ପ୍ରମାଣପତ୍ର ଲଗାଇବେ ।

2. Whether the applicant is Small F ramer / marginal Farmer / Agricultrical Labour / Land less Tenants / Rural Artisans/ B.D.O. / Sub -Collector/ Executive Officer, Orban Local Body/ DM OSFDC will mention the category and the Identification number) A certificate of annual family income is to be attached.

୩। ଦରଖାସ୍ତକାରୀ ତଫସିଲଭୁକ୍ତ ଜାତି / ଉପଜାତି କି ? ଯ ଦି ହୋଇଥାଆନ୍ତି କେଉଁ ଜାତି / ଉପଜାତି ? ସଂପୃକ୍ତ ଜିଲ୍ଲାପାଳ (ଏସ୍. ଡି. ଓ. ତହସିଲଦାର / ଜିଲ୍ଲା ମଙ୍ଗଳ ଅଫିସର / ବି.ଡି.ଓ.ଙ୍କ ଠାରୁ ଏ ସଂକ୍ରାନ୍ତିୟ ପ୍ରମାଣପତ୍ର ଏଥିସହ ସଂଲଗ୍ନ କରିବା ଆବଶ୍ୟକ ।)

3. Whether the applicant belongs to SC / ST, if s o to which sub-caste / sub-Tribe the applicant belongs (Certificate to this effect from Collector / S.D.O./ Tahasildar / D.W.O. / B.D.O. of the concerned area should be attached)

୪। ବର୍ତ୍ତମାନର ବୃତି

4. Present Occupation

୫। କ) ଋଣ ଉଦ୍ଦେଶ୍ୟର ଆବେଦନ କରାଯାଇଥିବା ପ୍ରକଳ୍ପର ନାମ

5. a) Name of the Scheme / Project for which of loan is applied

ଖ) ପ୍ରକଳ୍ପ / ସ୍କିମ୍ ପାଇଁ ଆବଶ୍ୟକ ଅର୍ଥର ପିମାଣ ଟ..........................

b) Unit cost of the Project Scheme Rs.....................

ଗ) ବ୍ୟାଙ୍କ ଋଣ ପରିମାଣ ଟ......................ମାର୍ଜିନ ମନି ଋଣ ପରିମାଣ ଟ................... ଅନୁଦାନ ପରିମାଣ ଟ.....................

c) Amount of Bank Loan Rs....................... Margin Money Loans Rs..................... Subsidy Rs.....................

୬। ଆର୍ଥିକ ସଚ୍ଛଳତା ପାଇଁ ଋଣକୁ ବିନିଯୋଗ କରିବା ନିମନ୍ତେ ଅଭିଜ୍ଞତା ଓ ଶିକ୍ଷାଗତ ଯୋଗ୍ୟତା ।

6. His capacity, past experience and educational qualification to utilise The Loan for his economic Benefit.

୭। କୌଣସି ସମବାୟ ସମିତିର ସଭ୍ୟ କିମ୍ବା ନିବନ୍ଧିତ ସଂସ୍ଥାର ଅଂଶୀଦାର କି ? ଯଦି ହୋଇଥାନ୍ତି ତେବେ ତାହାର ନାମ ଏବଂ ସଭ୍ୟ କ୍ରମିକ ସଂଖ୍ୟା / ନିର୍ବନ୍ଧକ ସଂଖ୍ୟା ।

7. Whether he is a member of co-op. Society or share holder of a registered unit. if so name of the society/ unit and membership no. registration No.

୮. କୌଣସି ସଂସ୍ଥାରୁ କେବେ ଋଣ କରିଛନ୍ତି କି ?ଯ ଦି କରିଥାନ୍ତି,ଅର୍ଥଯୋଗାଣ ସଂସ୍ଥାର ଠିକଣା, ବକେୟା ଋଣର ପରିମାଣ,ଅମାନତର ବିଶ ଦ ବିବରଣୀ, ସୁଧର ହାର ।

8. wheather he has borrowed any amount from any source. If so, the address of financing agency and the amount of loan outstanding,details of security offered, rate of interest.

୯. ଦରଖାସ୍ତକାରୀ ଓ ତାଙ୍କ ପରିବାରବର୍ଗଙ୍କ ଭୁସମ୍ପତିର ପରିମାଣ ଓ ବିଶ ବିବରଣୀ

9. S ize and particulars of land holdings, if any, in the name of the applicant and his family members. The details of such holdings to be furnished.

୧୦. ଦରଖାସ୍ତ କାରୀଙ୍କ ପରିବାରର ଲୋକସଂଖ୍ୟା ବୟସ ନାବାଳକ ମୋଟ

10. Size of applicant's family Adults Children- Total-

୧୧. ବର୍ତମାନ ବାର୍ଷିକ ଆୟ ଓ ତାହାର ପନ୍ଥା ।

11. Present income per annum and source of income.

୧୨. ପରିବାରର ବାର୍ଷିକ ଖର୍ଚ୍ଚ(ପରିବାରରୁ ଭରଣ ପୋଷଣ ପାଇଁ ସର୍ବନିମ୍ନ ଆବଶ୍ୟକତା)

12. Expenditure per annum (minimum amount required for subsistence)

ମୁଁ / ଆମ୍ଭ ,ତଦ୍ୱାରା ସ୍ୱୀକାର କରୁଅଛୁ ଯେ, ମୋ ଦ୍ୱାରା / ଆମ୍ଭମାନଙ୍କ ଦ୍ୱାରା ପ୍ରଦତ ଉପରୋକ୍ତ ବିବରଣୀ ଗୁଡ଼ିକ ସତ୍ୟଅଟେ । ଏହି ପ୍ରସ୍ତାବିତ ଧନ୍ଦା ପାଇଁ ମୁଁ / ଆମ୍ଭେ ଅନ୍ୟ କୌଣସି ଅର୍ଥ ଲଗାଣ ସଂସ୍ଥା ସହିତ କାରବାର କରି ନାହିଁ/ନାହୁଁ ମୁଁ / ଆମ୍ଭେ ଅନ୍ୟ କୌଣସି ସରକାରୀ / ସମବାୟ ଅର୍ଥ ଲଗାଣ କାରୀ ସଂସ୍ଥାଠାରୁ ଟଙ୍କା ନେଇ ଅନାଦାୟ ରଖି ନାହିଁ । ମୋ ବିରୁଦ୍ଧରେ / ଆମ୍ଭ ମାନଙ୍କ ବିରୁଦ୍ଧରେ କୌଣସ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇ ନାହିଁ/ କରାଯାଉ ନାହିଁ । ଆବେଦନ ସମ୍ପର୍କରେ କୌଣସି ଅଧିକ ବିବରଣୀ ଆବଶ୍ୟକ ହେଲେ ମୁଁ / ଆମ୍ଭେ ତାହା ଯୋଗାଇ ଦେବି/ ଦେବୁ ।ଆପଣଙ୍କ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି କିମ୍ବା ଅନ୍ୟ କୌଣସି ସଂସ୍ଥାର ପ୍ରତିନିଧି ମୋର/ ଆମ୍ଭର ବ୍ୟବସାୟ ସମ୍ପର୍କୀୟ ହିସାବ ପତ୍ର ଏବଂ ବ୍ୟବସାୟୀକ ପରିସର ମଧ୍ୟରେ ଥିବା ସମ୍ପତି ପରିର୍ଶନ ଓ ଯାଂଚ କରି ପାରିବେ ।

ତାରିଖ:

ସ୍ଥାନ:

ଦରଖାସ୍ତକାରୀଙ୍କ ସ୍ୱାକ୍ଷର

I/ w certify that all information furnished by me /us are true. That /we have n o borrowing arrangements for the unit with any bank that no legal action has been/is begin taken against me /us. That I/We shall furnish all other information that may be required by you in connection with any agency you may deem fit and that you/ your representatives, representative s of the reserve bank of India or any other agency (s) authorized by you, may at any time inspect/ verify our assets book of account, act in Out facto ry and business.

Date:

Place: Signature of the applicant/ borrower

Ref No.......................Date.........................

Certified that the applicant fulfills the eligibility criteria fixed by the Orissa scheduled caste & Scheduled Tribe Development Finance Co operative Ltd. And that the particulars/data furnished in the application fom are correct to the best of my knowledge and belief.

The total cost of the scheme/ Project would b Rs...................................Out of which Bank Loan is Rs...........M.M. loan Rs.................................& Subsidy........................................................

Date:

Place: Signature of the sponsoring Authority

(Designation)

**Loan application form under group bankable income generating schemes for SC,ST & scavenge SHGs by OSFDC, category of SHG -SC/ST/Scavenger**

✓ **(kindly mark the programme for which the loan application is sponsored )**

Name the self help group

Address:-

Formed/Established on Registered Yes/No

If registered: give number and date & furnish

True copy of the Certificate of Registration:

Number of members in the Group:

Name of SHPI/NGO/VA assisting the group :if any:

To Date:

The Branch Manager,

-----------------------------------------

--------------------------Bank/Branch

**APPLICATION FOR LOAN**

Dear Sir,

1. We the duly authorized representatives of the above SHG here by apply for a loan aggregating Rs.-------------------------(Rupees--------------------------------------------------------------------------------------------)only for onward-lending to our Members for ----------------------------- Schemes.

2. The financial particulars of the group as on dt.-------------------are given in the enclosed sheet. (Date)

We have not availed loan earlier from any other Bank/Financing Institution and not to defaulted in repayment.

**REPAYMENT SCHEDULED**

We agree to repay the loan amount as per the repayment schedule, which may be fixed by the Bank.

3. We hereby declare that particulars given above are true and correct to the best of our knowledge and belief.

4. We hereby authorize the Bank to disclose all or any particulars or details of information relating to our loan accou nts with the Bank to any other financial institution including NABARD, Government or any agency as may be considered necessary or desirable by the Bank, It will be in order for the OSFDC to disqualify the SHG from receiving any credit facilities from the b ank and/or recall the entire loan amount or any part thereof granted on this application, if any of the information pertain ing to the Group, furnished herewith is found incorrect and/or containing misrepresentation of facts.

5. The Xerox copy of our SB Pass Book bearing No.------------------------------of------------------------------ Bank with accredit of Rs.--------------------------------------as our---------------------is enclose.

Yours faithfully,

1. (President)
2. (Secretary)

(Authorized representatives)

Certified that the Self Help Group fulfills the eligibility criteria fixed by the Orissa Sch. Caste & Sch. Tribe Development Finance Co -operative Corporation Ltd. and that the particulars/data furnished in the application form are correct to the best of my knowledge and belief. The total cost of the scheme/project

would be Rs.----------- ---- our of which bank loan Rs.---------------and SubsidyRs.-- ----------

Signature of the Recommending Office

Date: Block Development Officer/Executive Officer

Place: (with seal)

## STATUS OF SELF HELP GROUP

Financial Particulars as on dt.-----------------------------

1. Name of the Self Help Group
2. Location
3. Account No.
4. Bank

| SL No | Particulars | Amount (in Rupees) |
|---|---|---|
| (1) | (2) | (3) |
| 1 | Saving from Members | |
| 2 | Seed Money from SHPI(NGO) if any | |
| 3 | Borrowing outstanding (Please specify source) | |
| 4 | Loan outstanding against members | |
| 5 | Amount in default, if any, against members | |
| 6 | Recovery percentage | |
| 7 | Cash Balance | |
| 8 | Bank Balance | |
| 9 | Total Balance (SL No.7& SL No. 8) | |

**Counter Signed By**

| | | | |
|---|---|---|---|
| **President** | **C.D.P.O** | **W.E.O. Block/** | **B.D.O. Block/** |
| Secretary | Block | Community Organizer | Executive Officer, |
| | | Unbank Local Body | Unbank Local Body |
| (with seal) | (with seal) | (with seal) | (with seal) |

---

Printed by Orissa Scheduled Caste & Scheduled Tribe Development Finance Co - operative Corporation Limited (OSFDC) Lewis Road, Bhubaneswar -14

**NAME AND OTHER DETAILS OF THE MEMBERS OF THE SELF HELP GROUP**

------------------------------------------------------------------------------------------------------

--Village---------------------Block-------------------------Dist.----------------------------------

----

| Sl No. | Name of the member of the SHG | Father/husband name & address | Age | Caste/Tribe Sub-Caste/Sub-Tribe | Education Qualification | Annual Income Of the family | BPL Card No. |
|---|---|---|---|---|---|---|---|
| 1 | | | | | | | |
| 2 | | | | | | | |
| 3 | | | | | | | |
| 4 | | | | | | | |
| 5 | | | | | | | |
| 6 | | | | | | | |
| 7 | | | | | | | |
| 8 | | | | | | | |
| 9 | | | | | | | |
| 10 | | | | | | | |
| 11 | | | | | | | |
| 12 | | | | | | | |

| | | | | | | | |
|---|---|---|---|---|---|---|---|
| 13 | | | | | | | |
| 14 | | | | | | | |
| 15 | | | | | | | |
| 16 | | | | | | | |
| 17 | | | | | | | |
| 18 | | | | | | | |
| 19 | | | | | | | |
| 20 | | | | | | | |

1. Name of the President of the Group
2. Name of the Secretary of the Group

Certified that the information furnished by the Group is verified and found correct to the best of my knowledge and belief.

| **President** | **C.D.P.O** | **W.E.O. Block/** |
|---|---|---|
| Secretary | Block | Community Organizer |
| (with seal) | (with seal) | Unbank Local Body<br>(with seal) |

**APPRAISAL**

a) Date of receipt of application from OSFDC/BDO/Urban Local Body.
b) Whether the proposed activity / activities is / are technically feasible:
c) Whether Backward and forward linkages are available
d) Finance Liability

Type of investment/Total cost of the scheme Expected/Income from the new Investment

| **Gross Income** | **Expenditure on Maintenance etc. of the assets** | **Net Income Rs.** |
|---|---|---|

Working capital compon ent, where ever applicable to be mentioned separately.

a) Subsidy amount available of the investment (i) (ii)

b) Loan amount including working capital, whenever necessary recommended.

**Types of Investment** **Amount in Rs.**

c) Repayment schedule recommended.

To be repair in---------------- month/quarterly/half yearly/yearly instalments commencing from-------------------- at Rs. --------------------- Per installment with balance payment of Rs.--------------- at the first installment.

d) Rate of interest

e) Security (i) Primary (ii) Additional if any.

f) Other terms & Conditions (i) Insurance.

g) Whether RBI/NABARD norms relating to rate of interest unit cost,gestation period repayment period etc. have been fully complied with.

**Signature of Processing Officer**

**Or**

**(Reasons thereof are to be recorded)**

**(with seal)**

h) Sanctioned as per the above terms and conditions

Rejected/Reduced amount sanctioned.

**Signature of Branch Manager**

**Date-------------------------------**

**(with seal)**

Printed by Orissa Scheduled Caste & Scheduled Tribe Development Finance Co - operative Corporation Limited (OSFDC) Lewis Road, Bhubaneswa r, Odisha

# Telephone Directory of Managing Committee Member of OSFDC Ltd.

| Sl. No. | Name of the Employees | Designation | Land Phone No | Mobile No | Email Id |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1 | Shri Babaji Charan Behera | Chairman | | 9853556083 | |
| 2 | Smt. Gayatri Dalai | Vice-Chairman | | 9778644346 | |
| 3 | Shri Chittaranjan Dehury | Member | | 9777112342 | |
| 4 | Shri Subash Kumar Pradhan | Member | | 7504725380 | |
| 5 | Shri A. Khalli Reddy | Member | | 9439959151 | |
| 6 | Smt. R. Saraswati | Member | | 9937569674 | |
| 7 | Shri Lingaraj Patra | Member | | 9692334651 | |
| 8 | Smt. Debaki Behera | Member | | 9861295651 | |
| 9 | Shri Keshab Chandra Behera | Member | | 9853283242 | |
| 10 | Shri Hrushikesh Behera | Member | | 9439083525 | |
| 11 | Shri Ramesh Chandra Behera | Member | | 9668898663 | |
| 12 | Smt. Arati Dehury | Member | | 7788906846 | |
| 13 | Smt. Gouri Behera | Member | | 9556626403 | |
| 14 | Shri Lalnand Pradhan | Member | | 8763657740 | |

# Officers & Staff OSFDC Ltd., (Head Quaters)

| Sl. No. | Name of the Employees | Designation | Land Phone No | Mobile No | E-mail Id |
|---|---|---|---|---|---|
| 1 | Shri Laxmikant P. Pradhan | Managing Director | 0674-2431623 | 9437165172 / 9937766374 | osfdc.odisha@gmail.com/ odishapmagy@gmail.com |
| 2 | Shri Balamukunda Bhuyan | General Manager | 0674-2431798 | 801813355 / 9439933355 | balmukundabhuya@gmail.com |
| 3 | Shri Jagannath Patra | AGM(P) | 0674-2430052 | 9438776172 | |
| 4 | Shri Dasarathi Ram Dora, | AGM(F) | 0674-2432751 | 8658725885 | |
| 5 | Shri Sukanta Charan Swain | ADWO | 0674-2430052 | 9437300151 | |
| 6 | Smt. Deepa Sethi | Asst. Manager | | 8763139616 | |
| 7 | Shri Pratap Ku Nayak | Auditor | | 9437134501/8249414144 | pratapnayak1958@gmail.com |
| 8 | Shri Sudhir Kanta Mishra. | Sr. Asst | | 9438486798 | misharasudhirikanta@gmail.com |
| 9 | Shri Susanta Ku. Padhy | Sr. Asst | | 9937092008 | padhysusanta1@gmail.com |
| 10 | Shri Arun kumar Mishara | Sr. Asst. | | 7381947580 | |
| 11 | Shri Biswanatha Naik | Sr. Asst. | | 8018397721 | |
| 12 | Shri Kanva Madhabo Behera | Jr. Asst | | 9937252773 | |
| 13 | Smt. Kalyani Sahoo. | Sr. Steno | | 8763491686 | kalyanisahoo.8763@gmail.com |
| 14 | Smt. Bishnupriya Dash. | Sr. Typist | | 8895729250 | bpdash1962@gmail.com |
| 15 | Smt. Kalyani Behera | Jr. Typist | | 9937168719 | kalayanibehera2009@gmail.com |
| 16 | Smt.Sindhusuta Patra | Project cordinator | | 7205180498 | sindhusuta17@gmail.com |
| 17 | Shri Ranjan Routray | Financial Consultant | | 7978426217 | |
| 18 | Shri Chandan Kumar Sahu | MIS Executive | | 7008266274 | chandantitu@gmail.com |

| Sl. No. | Name of the Employees | Designation | Land Phone No | Mobile No | E-mail Id |
|---|---|---|---|---|---|
| 19 | Shri Sankar Prasad Parida | Diarist | | 9437487676 | |
| 20 | Shri Satyabrata Tripathy | DEO | | 9337799492 | |
| 21 | Shri Suraj Parida | DEO | | 9583155771 | surajparida15@gmail.com |
| 22 | Shri Santanu Kumar Sahoo | DEO | | 9124377620 | |
| 23 | Shri Gandhi Biswal. | Driver | | 9937433630 | |
| 24 | Shri Narayan Behera | Driver | | 9937709960 | |
| 25 | Shri Dinabandhu Mishra | Driver | | 9937985304 | |
| 26 | Shri Gangadhar Nayak | Driver | | 9938137246 | |
| 27 | Shri Sadasiv Naik | Driver | | 8658241403 | |
| 28 | Shri Sibaram Sahoo | Driver | | 7978916643 | |
| 29 | Shri Suresh Ch. Nayak. | Peon | | 9437219492 | |
| 30 | Shri Bidyadhar Sahoo. | Peon | | 9938477548 | |
| 31 | Shri Bhagaban Biswal. | Peon | | 9583506850 | |
| 32 | Shri Chandra Sekhar Panda | Peon | | 8144971299 | |
| 33 | Shri Debendra Gochhayat | Peon | | 8658004891 | |
| 34 | Shri Kamalakanta Das | Peon | | 9938380367 | |
| 35 | Shri Trilochan Sethy | Night Watchman | | 9668639912 | |
| 36 | Shri Niranjan Bhoi | Sweeper | | 7064126894 | |

# TELEPHONE DIRECTORY OF D.W.Os CUM DIST. MANAGERS

| Sl.No. | District | Name | STD Code | Office | Mobile |
|---|---|---|---|---|---|
| 1. | Angul | Charulata Mallik | 06764 | **231173** | **94373 23582** |
| 2. | Balasore | Rajib Kumar Sahoo | 06782 | **265717** | **94371 45402** |
| 3. | Bargarh | Bharat Bhusan Biswal | 06646 | **230956** | **94397 77774** |
| 4. | Bhadrak | Jayanta Kumar Jena | 06784 | **250330** | **94375 24992** |
| 5. | Bolangir | Paramananda Prusty | 06652 | **232745** | **94373 55888** |
| 6. | Boudh | Binod Naik | 06841 | **222279** | **94380 33112** |
| 7. | Cuttack | Samsooda Akataree | 0671 | **2509593** | **87632 31737** |
| 8. | Deogarh | Banamali Phuyan | 06641 | **226407** | **90786 00660** |
| 9. | Dhenkanal | Manas Kumar Mishra | 06762 | **224510** | **94371 00520** |
| 10. | Gajapati | Santosh Kumar Rath | 06815 | **222825**<br>**224852** | **87632 37303** |
| 11. | Ganjam (Chhatrapur) | Parikhita Dash | 06811 | **263977** | **94373 01608** |
| 12. | Jagatsinghpur | Satyapira Sahoo | 06724 | **220429** | **90902 77878** |
| 13. | Jajpur | Chetana Sethy | 06728 | **223422** | **88953 82072** |
| 14. | Jharsuguda | Biswadarshi Sahoo | 06645 | **273402** | **94370 66205** |
| 15. | Kalahandi | Budhadev Panda | 06670 | **230553** | **87638 60405** |
| 16. | Kendrapara | Kalandi Charan Bhoi | 06727 | **232160** | **94386 17866** |
| 17. | Keonjhar | Pradyumna Das | 06766 | **255476** | **99388 33385**<br>**88957 27252** |
| 18. | Khurda | Monoj Kumar Nayak | 06755 | **221169** | **99373 74524** |
| 19. | Koraput | Madhusmita Mohapatra | 06852 | **251209** | **94371 24408** |
| 20. | Malkangiri | Pradipta Kumar Panda | 06861 | **230408** | **94386 00286** |
| 21. | Mayurbhanj | Smruti Ranjan Samantray | 06792 | **260763** | **94377 41859** |
| 22. | Nuapada | Sandhya Majhi | 06678 | **225479** | **94374 88832** |
| 23. | Nawarangpur | Pabitra Mohan Pradhan | 06858 | **222461** | **94373 29417** |
| 24. | Nayagarh | Ms. Jayashree | 06753 | **254260** | **88959 50238** |
| 25. | Phulbani (Kandhamal) | Shesadev Behera | 06842 | **253643** | **94374 73003** |
| 26. | Puri | Chandrakanta Majhi | 06752 | **222262** | **94395 22362** |
| 27. | Rayagada | Nandalal Biswal | 06856 | **235147** | **94373 27907** |
| 28. | Sambalpur | Gitanshu Mohan Das | 0663 | **2410343** | **94372 85365** |
| 29. | Sonepur | Rabindro Palka | 06654 | **220372** | **88958 50236** |
| 30. | Sundargarh | Sunil Kumar Tandi | 06622 | **272309** | **87633 39964** |

## EMAIL ID OF ALL DWOs CUM DISTRICT MANAGERS

| Sl. No. | Name of the District | Email ID |
|---|---|---|
| (1) | (2) | (3) |
| 1 | ANGUL | angdwo@gmail.com |
| 2 | BALASORE | dwo.balasore@rediffmail.com |
| 3 | BARGARH | dwo.bargarh@gmail.com |
| 4 | BHADRAK | dwobhadrak@gmail.com |
| 5 | BOLANGIR | dwo.balangir@gmail.com |
| 6 | BOUDH | dwobdh@gmail.com |
| 7 | CUTTACK | dwo.cuttack@nic.in |
| 8 | DEOGARH | dwo_deogarh@yahoo.com |
| 9 | DHENKANAL | wel_dkl@yahoo.com |
| 10 | GAJAPATI | dwogpt@gmail.com |
| 11 | GANJAM | dwoganjam@gmail.com |
| 12 | JAGATSINGHPUR | dwojspur@gmail.com |
| 13 | JAJPUR | dwojajpur@ori.nic.in, dwojajpur@gmail.com |
| 14 | JHARSUGUDA | dwojharsugudaows@gmail.com |
| 15 | KALAHANDI | dwo.kalahandi@gmail.com |
| 16 | KANDHAMAL | dwo.kandhamal@gmail.com |
| 17 | KENDRAPARA | dwo.kendrapara@yahoo.in |
| 18 | KEONJHAR | dwo.keonjhar@gmail.com |
| 19 | KHORDHA | dwokhordha@gmail.com |
| 20 | KORAPUT | dmkoraput@ori.nic.in, dwokoraput@gmail.com |
| 21 | MALKANGIRI | mkgdwo@gmail.com |
| 22 | MAYURBHANJ | dwomayurbhanj@rediffmail.com |
| 23 | NAWARANGPUR | dwonaba.or@nic.in |
| 24 | NAYAGARH | dwonayagarh@gmail.com |
| 25 | NUAPARA | dwonuapada001@gmail.com |
| 26 | PURI | dwopri1234@gmail.com |
| 27 | RAYAGADA | dworayagada@gmail.com |
| 28 | SAMBALPUR | dwosambalpur123@gmail.com |
| 29 | SONEPUR | dwosonepur@gmail.com |
| 30 | SUNDARGARH | dwosundargarh@gmail.com |

## TELEPHONE DIRECTORY OF OSDA & ORMAS

# OSDA

Odisha Skill Development Authority
1st Floor, Rajiv Bhavan, Unit-5, Bhubaneswar-751001, Odisha
**Phone :** 0674-2394415, **Fax :** 0674-2390415
**Email :** osdabbsr.od@gov.in, **Web.:** www.skillodisha.gov.in

| NAME | DESIGNATION | LAND LINE/MOB | E-MAIL ID |
|---|---|---|---|
| Shri Subrato Bagchi | Chairman | 0674-2391317 | |
| Smt. Rashmita Panda,IAS | CEO, OSDA | 0674-2391320 | |
| Sri Sanjay Kumar Singh | Commissioner-cum-Secretary | 0674-2301319 | |

# ORMAS

| NAME | DESIGNATION | LAND LINE/MOB | E-MAIL ID |
|---|---|---|---|
| Shri Smruti Ranjan Pradhan, IAS | Chief Execuive Officer | 0674-2565871 | ormashq@gmail.com |
| Smt. Banita Sethi, OFS | Joint CEO(Accounts) | 0674-2565871 | ormashq@gmail.com |
| Dr. Badal Kumar Mohanty OAS (SB) | Joint CEO (Skills & Marketing) | | ormashq@gmail.com |
| Sri Nigam Charan Dash | Dy. CEO | 9437307271 | ormashq@gmail.com |
| Sri Neelakantha Rath | Dy. CEO(Skill) | 9437400408 | ormashq@gmail.com |
| Shri Om Prakash Rautray | Dy. CEO (Skills) | 0674-2565871 | ormashq@gmail.com |
| Sri Deepak Ku. Srichandan | Dy. CEO (Ent. Dev) | 0674-2565871 | ormashq@gmail.com |
| Sri Shantanu Banarjee | Dy. CEO (Marketing & Skills) | 7008003323 | ormaslivelihoods@gmail.com |

## ସମ୍ପୂର୍ଣ୍ଣ ତଥ୍ୟ ନିମନ୍ତେ ଯୋଗାଯୋଗ


**ପରିଚାଳନା ନିର୍ଦ୍ଦେଶକ**

**ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ**

ଲୁଇସ୍ ରୋଡ଼, ଭୁବନେଶ୍ୱର, ଓଡିଶା-୭୫୧୦୧୪
ଫୋ: ୦୬୭୪ – ୨୪୩୧୭୯୮ / ୨୪୩୨୧୦୭ / ୨୪୩୨୯୪୯
ଇ-ମେଲ୍ : odisha.osfdc@gmail.com
ୱେବ୍-ସାଇଟ୍ : http://www.stscodisha.gov.in/SCSTfinanceCooperativeCoopertion